

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୯ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 09 OCTOBER 2023
Vol.No. 34 ■ No. 266■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



DSPL-272





WATCO Drink from tap ODISHA

## ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍

## ଜଳଯୋଗାଣ

ବର୍ତ୍ତମାନ ଅନ୍ୟ ୫ଟି ସହରକୁ
(ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ରାଜଗାଙ୍ଗପୁର, ନିମାପଡ଼ା)
ଏବଂ
ଆଉ ୧୩ଟି ସହରର ୧୪୯ଟି ୱାର୍ଡରେ,
ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ୨୪x୭ ଜଳଯୋଗାଣ ସୁବିଧା

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଙ୍କ
ଦ୍ୱାରା ଉତ୍ସର୍ଗ

୯ ଅକ୍ଟୋବର ୨୦୨୩, ପୂର୍ବାହ୍ନ ୧୧:୩୦
କନଭେନସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

| ସହର/ ପୌରସଂସ୍ଥା | ବର୍ତ୍ତମାନ ଅନ୍ତର୍ଭୁକ୍ତ ହୋଇଥିବା ୱାର୍ଡ ସମୂହ | ଉପକୃତ ଜନସଂଖ୍ୟା |
|---|---|---|
| ରାଇରଙ୍ଗପୁର- ସମଗ୍ର ସହର | ୧୫ | ୩୪,୦୦୦ |
| ବୀରମିତ୍ରପୁର- ସମଗ୍ର ସହର | ୧୧ | ୩୯,୦୦୦ |
| ରାଜଗାଙ୍ଗପୁର- ସମଗ୍ର ସହର | ୨୦ | ୬୬,୫୦୦ |
| ଚମ୍ପୁଆ- ସମଗ୍ର ସହର | ୧୩ | ୧୫,୫୦୦ |
| ନିମାପଡା- ସମଗ୍ର ସହର | ୧୧ | ୨୨,୩୦୦ |
| ଭୁବନେଶ୍ୱର | ୨୭ | ୩,୮୨,୫୦୦ |
| ଖୋର୍ଦ୍ଧା | ୪ | ୮,୬୦୦ |
| ଜଟଣୀ | ୩ | ୧୦,୮୦୦ |
| କଟକ | ୨୧ | ୧,୮୦,୦୦୦ |
| ବ୍ୟାସନଗର | ୬ | ୧୧,୦୦୦ |
| ସୁନ୍ଦରଗଡ଼ | ୧୭ | ୩୦,୮୦୦ |
| ରାଉରକେଲା | ୨୦ | ୮୭,୧୦୦ |
| କେଉଁଝର | ୪ | ୧୦,୦୦୦ |
| ଆନନ୍ଦପୁର | ୪ | ୯,୫୦୦ |
| ଯୋଡ଼ା | ୧ | ୪,୦୦୦ |
| ବଡ଼ବିଲ | ୨ | ୭,୫୦୦ |
| ବ୍ରହ୍ମପୁର | ୩୭ | ୩,୦୨,୦୦୦ |
| ହିଞ୍ଜିଳିକାଟୁ | ୩ | ୬,୫୦୦ |

ଏହି ପର୍ଯ୍ୟାୟରେ ଉପକୃତ ସମୁଦାୟ ଜନସଂଖ୍ୟା: ୧୨.୩ ଲକ୍ଷ




## ଓଡ଼ିଶା

୧ମ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ରାଜ୍ୟ ସମଗ୍ର ଦେଶରେ

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର

# କିଶୋର ନ୍ୟାୟ ଆଇନ୍ ସମ୍ପର୍କରେ ପୋଲିସ ୟୁନିଟ୍‌ର ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା, ୦୮/୧୦ (ନି.ପ୍ର): ଶିଶୁ କିଶୋରମାନଙ୍କ ଯତ୍ନ ଓ ସୁରକ୍ଷା ସମ୍ପର୍କରେ କାର୍ଯ୍ୟ କରୁଥିବା ଜିଲ୍ଲାର ସମସ୍ତ ଥାନାର ସ୍ୱତନ୍ତ୍ର କିଶୋର ପୋଲିସ ଅଧିକାରୀମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର କେନ୍ଦ୍ରାପଡା ପ୍ରଦକ୍ଷଣ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ନିମନ୍ତେ ଅଧିକ ଯତ୍ନବାନ୍ ତଥା ସମ୍ବେଦନଶୀଳ ହୋଇ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କଲେ ସମାଜରେ ସଂଗଠିତ ହେଉଥିବା ଶିଶୁମାନଙ୍କ ପ୍ରତି ବିଭିନ୍ନ ଅନ୍ୟାୟ, ଅତ୍ୟାଚାର ରୋକାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ଶିଶୁ ଜଣେ ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଏବଂ ସେମାନଙ୍କୁ ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରି ଏକ ପାରିବାରିକ ପରିବେଶ ପ୍ରଦାନ କରିପାରିଲେ କିଶୋର ନ୍ୟାୟ ଆଇନ୍‌ର ସଠିକ୍ ରୂପାୟନ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନୀୟ ଅତିଥି ଭାବେ ଆଇନ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, କିଶୋର ନ୍ୟାୟ ବୋର୍ଡ଼ର ଅଧ୍ୟକ୍ଷ ରମାଦେବୀ ସୋରେନ୍, ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର ପ୍ରଶିକ୍ଷକ ଭାବେ ଚିତରଞ୍ଜନ ମହାନ୍ତି, ଉଚ୍ଚ ନ୍ୟାୟଳୟର ଆଇନ୍‌ଜୀବୀ ତଥା ଶିଶୁମଙ୍ଗଳ ସମିତି କଟକର ପୂର୍ବତନ ସଭ୍ୟ ଯୋଗ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନେଚର୍ସ କ୍ଲବ୍‌ର ଉପଦେଷ୍ଟା ବିରଜା ପ୍ରସାଦ ପତି, ଜିଲ୍ଲା ସ୍ତରୀୟ ଅଧିକାରୀ ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଶିବିରରେ ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଜିଲ୍ଲାର ୧୭ଟି ପୋଲିସ୍ ଥାନାର ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍‌ର କର୍ମକର୍ତା ଅଂଶଗ୍ରହଣ କରି ଆଇନ୍ ସହ ଦ୍ୱନ୍ଦରେ ଥିବା ଶିଶୁ ତଥା ଯତ୍ନ ଓ ସୁରକ୍ଷା ଲୋଡୁଥିବା ଶିଶୁମାନଙ୍କ ନିମନ୍ତେ ଆଇନ୍‌ଗତ ବିଭିନ୍ନ ପ୍ରାବଧାନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଅତିଥି ପରିଚୟ ଓ ବିବେକାନନ୍ଦ ଅତବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଇବର ସେଫଟି ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୦୮/୧୦ (ନି.ପ୍ର): ଜୟପୁର ସରକାରି ମହିଳା ମହାବିଦ୍ୟାଳୟରେ ସାଇବର ସେଫଟି ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି ସଚେତନତା କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଏସଡିପିଓ ହରିସ ବିସି କଲେଜର ଛାତ୍ରୀ ମାନଙ୍କୁ ସଚେତନ କରଥିଲେ । କାହାକୁ ଓଟିପି ନଦେବା, ଆଜଣା କଲ ରିସିଭ ନକରିବା ଆଦି ଉପରେ ସଚେତନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି,ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପ୍ୟଧକ୍ଷ ବି. ସୁନିତା କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ନିଉଜ୍ କ୍ଲିକ୍ ସଂସ୍ଥା ଓ ଗଣମାଧ୍ୟମର କଣ୍ଠରୋଧ ବିରୋଧରେ ସିପିଆଇର ବିକ୍ଷୋଭ

ଜୟପୁର, ୦୮/୧୦ (ନି.ପ୍ର): ଆଜି ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ସିପିଆଇ କର୍ମୀ ମାନେ ଗଣମାଧ୍ୟମ ମୁକ୍ତ କର , ଗଣମାଧ୍ୟମ ସଂସ୍ଥା ନିଉଜ୍ କ୍ଲିକ୍‌ର ସାମ୍ବାଦିକ ମାନଙ୍କୁ ଦେଶଦ୍ରୋହୀ ମାମଲାରେ ଗିରଫ କରିବା ପ୍ରତିବାଦରେ ମୋଦୀ ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ ୦୩.୧୦.୨୦୨୩ ରେ ନିଉଜ୍ କ୍ଲିକ୍ ଅନ୍ ଲାଇନ୍ ସମ୍ବାଦ ସଂସ୍ଥା ର ସଂସ୍ଥାପକ ପ୍ରବୀଣ ପୁରକାୟସ୍ଥ ଙ୍କ ସହ ଉର୍ମିଲେଶ୍ , ପ୍ରଣଞ୍ଜୟ ଗୁହା ଠାକୁର୍ତା ,ଅଭିସାର ଶର୍ମା ଓ ଅନ୍ୟ ବରିଷ୍ଠ ସାମ୍ବାଦିକ ମାନଙ୍କୁ ଦିଲ୍ଲୀ ପୋଲିସ ମିଥ୍ୟା ମୋକଦ୍ଦମା ରେ ଜଡିତ କରି ଦେଶଦ୍ରୋହୀ ମାମଲା ସହ ୟୁଏପିଏ ଧାରାରେ ଗିରଫ କରିଛି । ପ୍ରକାଶ ଯୋଗ୍ୟ ଯେ ନିର୍ଭୀକ ସାମ୍ବାଦିକ ଉର୍ମିଳେଶ୍ ଙ୍କୁ ୧୯୭୫ ରେ ଇମର୍ଜେନ୍ସି କାଳରେ ମଧ ତତ୍ କାଳୀନ ସରକାର ଗିରଫ କରିଥିଲା ତାଙ୍କର ସ୍ପଷ୍ଟ ବାଦିତା ଯୋଗୁଁ । ଅର୍ଥାତ୍ ଆଜି ପ୍ରମାଣିତ ହୋଇଛି ଯେ ବିଜେପି ନେତୃତ୍ୱରେ ମୋଦୀ ସରକାର ଜରୁରୀ କାଳୀନ ପରିସ୍ଥିତି ଠାରୁ ବି ଅଘୋଷିତ ଭୟଙ୍କର ଅବସ୍ଥା ସୃଷ୍ଟି କରି ଚାଲିଛି । ଏହି ସାମ୍ବାଦିକ ଓ ସ୍ତମ୍ଭକାର ମାନଙ୍କର ଜାତୀୟ ଆନ୍ତର୍ଜାତିୟ ସ୍ତରରେ ସୁଖ୍ୟାତି ରହିଛି । ଏମାନେ ମୋଦୀ ସରକାରର ରାଫେଲ ଦୁର୍ନୀତି ହେଉ କି ଆଦାନୀ ପ୍ରକରଣ ସବୁଥିରେ ମୁଖର ହୋଇ ତଥ୍ୟ ପ୍ରମାଣ ସହ ଜନ ଦରବାରରେ ମୋଦୀ ସରକାର କୁ କାଠଗଡ଼ାରେ ଛିଡ଼ା କରେଇ ଛନ୍ତି । ଯେଉଁ ମାନେ ମୋଦୀ ସରକାର କୁ ବିରୋଧ କଲେ ସେମାନଙ୍କୁ ଇଡି , ସିବିଆଇ, ଆଇ ଟି , ଆଦି ସଂସ୍ଥା ଦ୍ୱାରା ଗିରଫ କରି ତଣ୍ଟି ଚିପି ଦିଆଯାଉଛି । ବର୍ତମାନ ସୁପ୍ରିମକୋର୍ଟ ବାଧ ହୋଇ କହିଛନ୍ତି ଦାଉ ସାଧିବା ପାଇଁ ଇଡି ସିବିଆଇ ବ୍ୟବହାର କରିପାରିବ ନାହିଁ । ମୋଦୀ ସରକାର କୁ ସୁପ୍ରିମକୋର୍ଟ କହିଛନ୍ତି ଆମ୍ ଆଦମୀ ପାର୍ଟିର ମନ୍ତ୍ରୀ ମିନିଷ ସିସୋଦିଆଙ୍କ ବିରୁଦ୍ଧରେ ପ୍ରମାଣ ଦେବା ପାଇଁ । ୟୁଏପିଏ ରେ ଗିରଫ କରି ମାସ ମାସ ଧରି ଜେଲ୍ ରେ ରଖି ଜନ ମାନସରେ ତାଙ୍କୁ ବଦନାମ କରିବା ହେଉଛି ମୋଦୀ ସରକାର ର ନିତୀ। ମୋଦୀ ସରକାର କୁ ପାର୍ଲିଆମେଣ୍ଟ ଭିତରେ ଓ ବାହାରେ ତୀବ୍ର ସମାଲୋଚନା ଯୋଗୁଁ ଆପ୍ ସାଂସଦ ସଞ୍ଜୟ ସିଂ ଙ୍କୁ ଗିରଫ କରାଯାଇଛି । ସମ୍ବାଦ ପତ୍ର ଓ ସଂସ୍ଥା ର କଣ୍ଠ ରୋଧ ବିରୋଧରେ ଆଜି ଦେଶ ବ୍ୟାପୀ ଆନ୍ଦୋଳନ ହେଉଛି । ନିଉଜ କ୍ଲିକ୍ ସଂସ୍ଥା ଉପରେ ଆକ୍ରମଣ କୁ ବିରୋଧ କରି ପୃଥିବୀର ଆମେରିକା, ଇଂଲଣ୍ଡ ଓ ଅନ୍ୟାନ୍ୟ ଇଉରୋପୀୟ ଦେଶ ମାନଙ୍କରେ ବିକ୍ଷୋଭ ପ୍ରଦର୍ଶନ ହେଉଛି । ପ୍ରେସ୍ ଫ୍ରିଡମ୍ ରେ ମୋଦୀ ସରକାର ଅମଳରେ ଦେଶର ସ୍ଥାନ ନିମ୍ନଗାମୀ ହୋଇଛି ବୋଲି ବିକ୍ଷୋଭ ରେ ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆଜିର ବିକ୍ଷୋଭ ପ୍ରଦର୍ଶନ ର ନେତୃତ୍ୱ ସର୍ବଶ୍ରୀ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ, ଉମା ଶତପଥୀ,ଅଲେଖ ପାତ୍ର, ସତ୍ୟନାରାୟଣା ପ୍ରମୁଖ ନେଇଥିଲେ ।

# ଧାନ କ୍ଷେତରେ ଅଜଣା ରୋଗ ଆତଙ୍କ : ଚାଷୀ ମୁଣ୍ଡରେ ଚଡକ

ଚମ୍ପୁଆ, ୦୮/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ କୃଷି ଜିଲ୍ଲା ଅଧିନସ୍ଥ ପ୍ରାୟ ସମସ୍ତ ଅ ଂଚଳର ଧାନ କ୍ଷେତ ରେ ଅଜଣା ରୋଗ ପୋକ ଲାଗିବା ନେଇ ଚାଷ ନଷ୍ଟ ହେବାକୁ ବସିଲାଣି । ଚାଷୀ ଙ୍କ ଧାନ କ୍ଷେତ ରେ ଦିନକୁ ଦିନ ଏ ଜମି ରୁ ସେ ଜମି ଅଜଣା ରୋଗ ବ୍ୟାପି ଚାଲି ଥିବାବେଳେ ବଡ଼ନଇ, ସାନନଇ, ପଳସା, ଇଟିଣ୍ଡା, ଗମ୍ଭାରିଆ ଆଦି ଗ୍ରାମର ଅନେକ ଚାଷୀଙ୍କ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବା ସ୍ଥିତିରେ ପହ ଂଚିଛି । ଚଳିତ ଖରିଫ୍ ଋତୁରେ ସ୍ୱାଭାବିକ ବର୍ଷା ଯୋଗୁଁ ମୁଣ୍ଡ ଝାଳ ତୁଣ୍ଡରେ ମାରି କଠିନ ପରିଶ୍ରମ ସାଙ୍ଗକୁ କ୍ଷେତରେ ହଳ, ବିହନ, ସାର, ମୁଲ ମଜୁରୀ ଉପରେ ଅର୍ଥ ନିବେଶ ହୋଇଥିବା ବେଳେ ଏବେ ଅମଳ ସମୟରେ ଅଜଣା ରୋଗ ବ୍ୟାପିବା ଯୋଗୁଁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛି। ରୋଗ ପୋକ ନିୟନ୍ତ୍ରଣ କୁ ନେଇ କୃଷି ବିଭାଗ ଗୁରୁତ୍ୱ ଦେଉନଥିବା ଯୋଗୁଁ ଚମ୍ପୁଆ ଅ ଂଚଳର ଚାଷୀଙ୍କ ଜୀବନ ଜୀବିକା ପ୍ରଭାବିତ ହେବାର ସମ୍ଭାବନା ଦେଖାଦେଇଛି । ସରକାରଙ୍କ ଚାଷୀଙ୍କୁ ନେଇ ଅନେକ ଯୋଜନାର ସୁବିଧା ସୁଯୋଗ ଯଦିଓ ରହିଛି ତାହା ଚାଷୀ ନିକଟରେ ପହଂଚି ପାରୁନଥିବା ବଡ଼ନଇଁ ଗ୍ରାମ ପଂଚାୟତର ଚାଷୀ ଅଭିଯୋଗ କରିଛନ୍ତି । ବଡ଼ନଇଁ ଗ୍ରାମ ପଂଚାୟତର ଚାଷୀଙ୍କ ଧାନ କ୍ଷେତରେ ରୋଗ ପୋକ ଲାଗିବା ନେଇ ଆଜିପର୍ଯ୍ୟନ୍ତ କୌଣସି କୃଷି କର୍ମଚାରୀ କିମ୍ବା ଅଧିକାରୀ ଚାଷୀଙ୍କ ସହିତ କୌଣସି ସମ୍ପର୍କ ରଖି ନ ଥିବା ବେଳେ ଚାଷୀଙ୍କ କ୍ଷେତ ଅବସ୍ଥା ଥରେ ମାତ୍ର ପରିଦର୍ଶନ କରି ନ ଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି । ସରକାର ଙ୍କ ଦ୍ୱାରା ବଡ଼ନଇଁ ଗ୍ରାମ ପଂଚାୟତରେ ନିଯୁକ୍ତି ପାଇଥିବା କୃଷି କର୍ମଚାରୀଙ୍କ ଦେଖା ମିଳୁ ନ ଥିବାରୁ ବଡ଼ନଇଁ ପଂଚାୟତର ଅନେକ ଚାଷୀ ତାଙ୍କୁ ଚିହ୍ନି ନ ଥିବା ପରି ପରିସ୍ଥିତିରେ ମେଡ଼ିସିନ ଠାରୁ ପ୍ରତିକାର ପର୍ଯ୍ୟନ୍ତ ପରାମର୍ଶ ତଥା ସବୁ ପ୍ରକାର ସୁବିଧା ସୁଯୋଗରୁ ବ ଂଚିତ ହେଉଥିବା ଅଭିଯୋଗ ହୋଇଛି । ଏ ନେଇ ପ୍ରଶାସନ ଯଥା ଶୀଘ୍ର ଦୃଷ୍ଟି ଦେବାକୁ ବଡ଼ନଇଁ ପଂଚାୟତ ର ଚାଷୀ ମାନେ ଦାବୀ କରିଥିବା ଜଣା ପଡିଛି । ତେବେ ଏହାକୁ ନେଇ ଚମ୍ପୁଆ କୃଷି ବିଭାଗ ଅଧିକାରୀ ନୀଳମାଧବ ଦାସ ଙ୍କୁ ଯୋଗାଯୋଗ କରିବାରୁ ଏନେଇ ଆମ୍ଭ ପାଖରେ ଖବର ନାହିଁ ତେବେ ଶୀଘ୍ର କର୍ମଚାରୀ ପଠାଇ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ଜୟପୁର ଦଶହରା ମହୋତ୍ସବ ଓ ଷୋଡଶ ଉପଚାର ପୂଜା ଆରମ୍ଭ

ଜୟପୁର, ୦୮/୧୦ (ନି.ପ୍ର): ଜୟପୁର ସ୍ଥିତ ମା ଭଗବତୀ ମନ୍ଦିରରେ ଆଜି ଠାରୁ ଷୋଡଷ ପୂଜା ଆରମ୍ଭ ହୋଇଥିବା ବେଳେ ଦଶହରା ମହୋତ୍ସବ ପାଇଁ ଆଜ୍ଞା ମାଳ ଗ୍ରହଣ କରାଯାଇଥିଲା । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଏହି ଆଜ୍ଞା ମାଳ କୁ ଗ୍ରହଣ କରିଥଲେ । ଅଧିଷ୍ଠାତ୍ରି ମା ଦକ୍ଷିଣ କାଳିକା ମନ୍ଦିରରେ ମଧ୍ୟ ଷୋଡଶ ପୂଜା ଆରମ୍ଭ ହୋଇଛି । ମୁଳାଷ୍ଟମୀ ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ପୀଠରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ଦଶହରାରେ ଯୋଗଦେବାକୁ ନିମନ୍ତ୍ରଣ ଆରମ୍ଭ ହୋଇଛି । ଏହି ଅବସରରେ ଆଜି ସକାଳୁ ଅଧିଷ୍ଠାତ୍ରୀ ମା ଭଗବତୀ ମନ୍ଦିର ଠାରେ ଶହସ୍ର କୁମ୍ଭାଭିଷେକ କରାଯାଇଥିଲା । ପରେ ମା ଙ୍କ ପୁଜକ ବିରେନ୍ଦ୍ର ରଥ ପୁଜାର୍ଚ୍ଚନା, ଆଳତି କରିବା ସହ ଦେବୀଙ୍କ ଆଜ୍ଞାମାଳ ଜୟପୁର ପୁଜା କମିଟିର ଅଧକ୍ଷ ତାରା ପ୍ରସାଦ ବାହିନିପତିଙ୍କୁ ପ୍ରଦାନ କରିଥିଲେ । ପୁଜା ସମୟରେ ଦେବୋତର ଅଧିକାରି ତଥା ଜୟପୁର ତହସିଲଦାର ସାଗରିକା ଷଡଙ୍ଗୀ ,ବିଭାଗ କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ପାରମ୍ପାରିକ ରିତି ଅନୁଯାଇ ମାଁ ଭଗବତୀ ଙ୍କ ନିକଟରେ ପୁଜା ପାଠ ଆଳତି କରାଯାଇ ଶାନ୍ତି ଶୃଙ୍ଖଳା କିପରି ଦଶହରା ପର୍ବ ପାଳିତ ହୋଇପାରିବ ସେନେଇ ପୁଜା କରାଯାଇଥିଲା । ଦଶହରା ଦିନ ଦଶହରା ପଡିଆରେ ଅପରାଜିତା ପୁଜା ପରେ ଦଶହରା ସମାପ୍ତ ହୁଏ । ୧୬ ଦିନ ଶାନ୍ତି ଶୃଙ୍ଖଳାରେ ମହୋତ୍ସବ ପାଳନ କରିବା ନେଇ ଏହି ଆଜ୍ଞାମାଳ ଗ୍ରହଣ କରାଯାଇଥାଏ । ନିମନ୍ତ୍ରଣ ପାଇବା ପରେ ବିଭିନ୍ନ ଦେବି ପୀଠରୁ ଦେବୀଙ୍କ ପ୍ରତିକ ଲାଠି,ଖଡଗ, ଛାତ୍ର, ବିମାନକୁ ଭକ୍ତ ମାନେ ହାତରେ କାନ୍ଧରେ ବୋହି ଚାଲି ଚାଲି ଜୟପୁର ଠାରେ ଦଶମ ତିଥିରେ ପହଞ୍ଚି ଜୟପୁର ବାସୀଙ୍କୁ ଆଶିବାଦ କରନ୍ତି । ଏହି ଲାଠି ଧାରି ମାନଙ୍କୁ ଦଶହରା ପଡିଆରେ ପାରମ୍ପରିକ ନିତିରେ ପୁଜାର୍ଚ୍ଚନା କରାଯାଇଥାଏ ଅପରାଜିତା ପୁଜା କରାଯାଇଥାଏ । ଆଜି ଠାରୁ ଅଧିଷ୍ଠାତ୍ରୀ ମା ଭଗବତି , ଦକ୍ଷିଣ କାଳିକା ଠାରେ ୧୬ ଦିନ ବ୍ୟାପି ହୋମ , ଚଣ୍ଡି ପାଠ ସ୍ୱତନ୍ତ୍ର ପୁଜା ଅଖଣ୍ଡ ଦୀପ ଲାଗି ପୁଜା ଅନୁଷ୍ଠିତ ହୋଇଛି । ଅଧିଷ୍ଠାତ୍ରୀ ମା ଭଗବତୀଙ୍କ ବିଜୟା ଭ୍ରମଣ ଅକ୍ଟୋବର ୧୫ ତାରିଖ ରୁ ଆରମ୍ଭ ହୋଇ ୨୧ ତାରିଖ ଯାଏ ଚାଲିବା । ୨୪ ତାରିଖ ଦଶହରା ଦିନ ରାବଣ ପୋଡି ସହ ୪ଟି ବିମାନ ଦଶହରା ପଡିଆରେ ଅପରାଜିତା ପୁଜାରେ ସାମିଲ ହୋଇ ପୁଜା ସାରି ମନ୍ଦିରକୁ ଫେରିବେ ।

# ହିଞ୍ଜିଳି କଂଗ୍ରେସରେ ନେତୃତ୍ୱ ସଂକଟ: 'ଘରେଘରେ ହାତ କାର୍ଯ୍ୟକ୍ରମ' ନେଇ ସଂଶୟରେ କର୍ମୀ



ଶେରଗଡ଼, ୦୮/୧୦ (ନି.ପ୍ର): ଦିନ ଥିଲା ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀ କଂଗ୍ରେସର ଅଭେଦ୍ୟ ଦୁର୍ଗ ଭାବେ ପରିଚିତ ଥିଲା । ରାଜ୍ୟ ରାଜନୀତିରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଏହି ନିର୍ବାଚନମଣ୍ଡଳୀରେ ୨୦୦୦ ମସିହାରେ ହଠାତ୍ ସମୀକରଣ ବଦଳିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିରୁ ପ୍ରାର୍ଥୀ ହୋଇ ବିପୁଳ ବିଜୟ ହାସଲ କରିବା ପରେ କଂଗ୍ରେସର ବିଜୟଧାରାରେ ଯେମିତି ବ୍ରେକ୍ ଲାଗିଥିଲା । ଆଉ ଗତ ୨୩ ବର୍ଷ ହେଲା ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀରେ ବିଜେଡିର ଅପରାଜେୟ ଗଡ଼ ପାଲଟିଥିବା ବେଳେ ନବୀନ ପଟ୍ଟନାୟକ ଲଗାତାର ପାଞ୍ଚ ଥର ଏଠାରୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । କିନ୍ତୁ କଂଗ୍ରେସ ଏବେବି ନିଜର ପୂର୍ବ ସ୍ଥିତି ଫେରିପାଇବାକୁ ସଂଘର୍ଷ କରୁଥିବା ବେଳେ ନେତୃତ୍ୱ ସଂକଟ ପ୍ରମୁଖ ସମସ୍ୟା ହୋଇଛି । ଏଭଳି ପରିସ୍ଥିତିରେ ୨୦୨୪ ନିର୍ବାଚନକୁ ନଜରରେ ରଖି ପ୍ରଦେଶ କଂଗ୍ରେସ କମିଟି 'ଘରେଘରେ ହାତ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ହିଞ୍ଜିଳି ନିର୍ବାଚନମଣ୍ଡଳୀରେ ଏହି ଅଭିଯାନକୁ ଦଳ କେମିତି ଓ କାହା ନେତୃତ୍ୱରେ ସଫଳ କରିବ ଏହା ଜଣାପଡ଼ି ନାହିଁ । ଖୋଦ୍ ଦଳୀୟ କର୍ମୀ ମଧ୍ୟ ଏ ନେଇ ସଂଶୟରେ ପଡ଼ିଛନ୍ତି । ୨୦୦୦ ଓ ୨୦୦୪ ନିର୍ବାଚନରେ ପୂର୍ବତନ ବିଧାୟକ ଉଦୟନାଥ ନାୟକ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ । କିନ୍ତୁ ଉଭୟ ନିର୍ବାଚନରେ ତାଙ୍କୁ ନବୀନ ପଟ୍ଟନାୟକଙ୍କଠାରୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା । ସମୟଚକ୍ରରେ ଶ୍ରୀ ନାୟକ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ । ସେହିପରି ୨୦୧୪ରେ ଶିବରାମ ପାତ୍ର ପ୍ରାର୍ଥୀ ହୋଇଥିବା ବେଳେ ୨୦୧୯ରେ ଦଳ ପ୍ରାର୍ଥୀ ବଦଳାଇ ଶମ୍ଭୁ ପାଣିଗ୍ରାହୀଙ୍କୁ ସୁଯୋଗ ଦେଇଥିଲା । କିନ୍ତୁ କଂଗ୍ରେସର ଭୋଟ୍‌ହାର ହ୍ରାସ ପାଇଥିଲା । ଦଳ ଦ୍ୱିତୀୟ ସ୍ଥାନରୁ ତୃତୀୟକୁ ଖସିଥିଲା । ସେହିପରି ଗତବର୍ଷ ପୌର ନିର୍ବାଚନରେ ମଧ୍ୟ କଂଗ୍ରେସର ପ୍ରଦର୍ଶନ ଦୁର୍ବଳ ରହିଥିଲା । ଏହାସହ ପଞ୍ଚାୟତ ନିର୍ବାଚନରେ ୬ଟି ଜିଲ୍ଲା ପରିଷଦରେ ପ୍ରାର୍ଥୀ ଶୋଚନୀୟ ପରାଜୟ ବରଣ କରିଥିଲେ । ଏଭଳି ଭାବେ ୨୩ ବର୍ଷ ଭିତରେ କଂଗ୍ରେସ ନିୟମିତ ପ୍ରାର୍ଥୀ ପରିବର୍ତ୍ତନ କରୁଥିବା ବେଳେ ଦଳର ସାଂଗଠନିକ ସ୍ଥିତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ।

# ଓଡ଼ିଶାର ସବୁଠାରୁ ବଡ଼ ଦାଣ୍ଡିଆ ଲାଇଭ୍ "ଲେଟସ୍ ନାଚୋ": ୱାଣ୍ଡର ୱାର୍ଲଡ ୱାଟର ପାର୍କରେ ଅକ୍ଟୋବର ୨୦ରୁ ଦାଣ୍ଡିଆ ଧମାଲ୍




ଭୁବନେଶ୍ୱର, ୦୮/୧୦ (ନି.ପ୍ର): ପୁରୀର ମାଳତୀପାଟପୁରଠାରେ ଥିବା ଓଡ଼ିଶାର ସର୍ବବୃହତ ୱାଟର ପାର୍କ ୱାଣ୍ଡର ୱାର୍ଲଡ ୱାଟର ପାର୍କ ଏବଂ ରିସର୍ଟରେ ପାଞ୍ଚ ଦିନ ପାଇଁ ଦାଣ୍ଡିଆ ଅନୁଷ୍ଠିତ ହେବ । ୱାଣ୍ଡର ୱାର୍ଲ ୱାଟର ପାର୍କର ଅଧ୍ୟକ୍ଷ ନାରାୟଣ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଅକ୍ଟୋବର ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଦିବା ୩ଟା ରୁ ୬ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଗନ୍ତୁକଙ୍କ ନିମନ୍ତେ ଏକ ଅବିସ୍ମରଣୀୟ ଅନୁଭୂତି ଦେବ । ଏଥିରେ ଲାଇଭ୍ ଅଭିନେତା, ଡ଼ିଜେ, ଇଡ଼ିଏମ୍ ବିଟ୍, ସୁପ୍ରସିଦ୍ଧ ଗାୟକ ଏବଂ ସୁସ୍ୱାଦୁ ନବରାତ୍ର ସ୍ୱତନ୍ତ୍ର ଖାଦ୍ୟ ଉପଲବ୍ଧ ହେବ ।ଏହି ସ୍ୱତନ୍ତ୍ର ମୁହୂର୍ତ୍ତକୁ ସାଉଁଟିବା ପାଇଁ ନିଜ ସ୍ଥାନ ସୁରକ୍ଷିତ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଭିଆଇପି ଟିକେଟ୍ ୧୦୪୯ ଏବଂ ନିୟମିତ ଟିକେଟ୍ ୭୯୯ ମୂଲ୍ୟରେ ଉପଲବ୍ଧ ହେବ । ଏହି ଟିକେଟ୍ ଅନ୍ଲାଇନ୍ ରେ ମଧ୍ୟ ଉପଲବ୍ଧ ହେବ । ବୋଟିଂ ଏବଂ ଜୋର୍ବିଙ୍ଗ ଠାରୁ ଆରମ୍ଭ କରି ଆରାମଦାୟକ ମଦର କର୍ଣ୍ଣର ସହ, ସମସ୍ତ ୱାଟର ରାଇଡ୍ସ, ପ୍ରବେଶ ପାର୍କିଂ ପର୍ଯ୍ୟନ୍ତ ଭିଆଇପି ଟିକେଟଧାରୀମାନେ ପ୍ରକୃତ ପ୍ରିମିୟମ୍ ଅଭିଜ୍ଞତା ଉପଭୋଗ କରିବେ । ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ୱାଣ୍ଡର ୱାର୍ଲ ୱାଟର ପାର୍କର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପାତ୍ର ସୂଚନା ଦେଇ କହିଥିଲେ ଯେ ଏହା ଏକ ଅନନ୍ୟ ଇଭେଣ୍ଟ, ଯେଉଁଥିରେ ଉଭୟ ଦାଣ୍ଡିଆର ଉତ୍ସବର ସ୍ପନ୍ଦନ ଏବଂ ୱାଟର ପାର୍କର ସତେଜ ରୋମାଞ୍ଚ ଉଭୟ ଦୁନିଆର ସର୍ବୋତ୍ତମ ଉପଲବ୍ଧ ପ୍ରଦାନ କରିବ । ପାର୍ବଣର ରୋମାଞ୍ଚ ସହ ଖାଦ୍ୟର ପସରା ଯଥା ଆଳୁ ଟିକି ଚାଟ୍, ଢୋକଲା, କଚୋଡ଼ି, ମୁଗଡ଼ାଲ୍, ହାଲୱା ଏବଂ ପନିର୍ ଉତ୍ପମ୍ ପରି ସ୍ୱତନ୍ତ୍ର ନବରାତ୍ରୀ ଆନନ୍ଦ ସହିତ ଉତ୍ସବରେ ବୁଡ଼ନ୍ତୁ, ଯାହା ଓଡ଼ିଶାରେ ଅଦୃଶ୍ୟ ଓ ଅନନ୍ୟ ଅନୁଭୂତି ସୃଷ୍ଟି କରିବ । ଉତ୍ସବର ଆନନ୍ଦ ଏବଂ ଆକ୍ୱାଆଡଭେଞ୍ଚରସ୍ ମିଶ୍ରଣରେ ନିଜକୁ ବୁଡ଼ାଇବାର ସୁଯୋଗରୁ ବଞ୍ଚିତ ହୁଅନ୍ତୁ ନାହିଁ । ଅନ୍ଲାଇନରେ ନବରାତ୍ରୀ ଟିକେଟ୍ ସୁରକ୍ଷିତ କରନ୍ତୁ କିମ୍ବା ଏହାର ଅଂଶ ହେବା ପାଇଁ ୧୮୦୦୧୨୦୦୦୬୬ ଓ ୮୧୪୪୯୧୬୯୪୬କୁ କଲ୍ କରନ୍ତୁ । ଓଡ଼ିଶାର ସବୁଠାରୁ ବଡ଼ ଦାଣ୍ଡିଆ ଇଭେଣ୍ଟର ରଙ୍ଗରେ କେବଳ ୱାଣ୍ଡର ୱାର୍ଲ ୱାଟର ପାର୍କରେ ରଙ୍ଗିନ ହୁଅନ୍ତୁ । ଏହି ସାମ୍ବାଦିକ ସମ୍ମିଳନୀରେ ୱାଣ୍ଡର ୱାର୍ଲଡ ୱାଟର ପାର୍କର ଉପସଭାପତି ବିଭୁଦେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ରାଧାରମଣ ନାୟକ, ପ୍ରଦ୍ୟୁମ୍ନ ମିଶ୍ର (ମୁଖ୍ୟ ସମ୍ପାଦକ, ଅମୃତ ନିୟୁଜ୍) ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତିଆଣ ଆକ୍ଷେପକୁ ନେଇ ଗୋଷ୍ଠୀ ସଂଘର୍ଷ: ୫ରୁ ଅଧିକ ଆହତ



ନିଆଳି, ୦୮/୧୦ (ନି.ପ୍ର): ପୂର୍ବ ଶତ୍ରୁତାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି । ଏହି ଘଟଣାରେ ଗୋଟିଏ ପକ୍ଷର ୫ରୁ ଅଧିକ ଲୋକ ଆହତ ହୋଇଛନ୍ତି । କଟକ ଜିଲ୍ଲା ନିଆଳି ଥାନା ଅଧୀନ ସଡାଂଷ ପଞ୍ଚାୟତ ସରାକୋର ଗାଁରେ ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ବିଲରେ ଠେଙ୍ଗା ବାଡି ଧରି ଦୁଇ ଗୋଷ୍ଠୀ ପରସ୍ପର ଉପରେ ଆକ୍ରମଣ କରୁଥିବା ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ସୂଚନା ଅନୁସାରେ ଶନିବାର ନିଆଳି ଥାନାରେ ସରାକୋର ଗାଁର କିଛି ବ୍ୟକ୍ତିଙ୍କ ନାଁରେ ତିଲୋତମା କାଣ୍ଡି ଏତଲା ଦେଇଥିଲେ । ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳି ଗୁଲଜ କରିଥିବା ସେ ଏତଲାରେ ଦର୍ଶାଇଥିଲେ । ଆଜି ସକାଳେ ତିଲୋତମା କାଣ୍ଡିଙ୍କ ପରିବାର ଲୋକେ ବିଲକୁ ମୁଗ ବୁଣିବାକୁ ଯାଇଥିଲେ । ଏହି ସମୟରେ ଅନ୍ୟ ଗୋଷ୍ଠୀ ସଂଘବଦ୍ଧ ହୋଇ ବିଲରେ ପହଂଚି ତିଲୋତମାଙ୍କ ପରିବାରକୁ ଆକ୍ରମଣ କରିଥିଲେ ।

ଅନ୍ୟପଟେ ପାଲଟା ଆକ୍ରମଣ କରିଥିଲେ କାଣ୍ଡି ପରିବାର । ଏହି ସମୟରେ ବୟସ୍କ ବଟକାଣ୍ଡିଙ୍କ ପେଟରେ ଜଣେ ଲୁହାରଡ ଭୁସି ଦେଇଥିଲେ । ଗୋଷ୍ଠୀ ସଂଘର୍ଷରେ ୫ରୁ ଅଧିକ ଆହତ ହୋଇଛନ୍ତି । ତୁରନ୍ତ ଆହତଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ସମସ୍ତଙ୍କ ଚିକିତ୍ସା କରାଯାଇଛି । ଡାକ୍ତର ଅସ୍ତ୍ରୋପଚାର କରି ପେଟରୁ ବଟ କାଣ୍ଡିଙ୍କ ପେଟରୁ ଲୁହାରଡ ବାହାର କରିଛନ୍ତି । ନିଆଳି ଥାନାରେ ଲିଖିତ ଅଭିଯୋଗ କରିବା ପର ପୁଲିସ ତଦନ୍ତ ଆରମ୍ଭ କରିଛି ।

# ସରକାରୀ ଉଚ୍ଚ ବିଦ୍ୟାଳୟର ୫.୨୮ଏକର ଜମି ଗାୟବ, ବଳକା ଜମି ଫେରାଇବାକୁ ଉଠିଲା ଦାବି




ଜୟପୁର: ଦେଶ ସ୍ୱାଧୀନତା ପୂର୍ବରୁ ୧୯୧୦ମସିହାରେ ପ୍ରସାଦରାଓ ପେଟ୍ଟା ଓ ସୋମବାରତୋଟାକୁ ଲାଗି ସ୍ଥାପନ ହୋଇଥିଲା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ । କାଳକ୍ରମେ ଏହା ଏବେ ସରକାରୀ ଉଚ୍ଚ ବିଦ୍ୟାଳୟ ନାଁରେ ଚାଲିଛି । ଏହି ବିଦ୍ୟାଳୟକୁ ବଦାନ୍ୟ ବ୍ୟକ୍ତିମାନେ ଦାନ ସୂତ୍ରରେ ୨୪.୫୫ଏକର ଜମି ଦେଇଥିଲେ । ସଂପ୍ରତି ଏବେ ଏହି ବିଦ୍ୟାଳୟ ନାଁରେ କେବଳ ୧୯.୫୩ଏକର ଜମିର ମାଲିକାନା ସତ୍ତ୍ୱ ଥିବା ଆରଓଆର ମିଳିଛି । ତେବେ ବଳକା ୫.୨ ଏକର ଜମି ଗାୟବ ହୋଇଯାଇଛି । ତୁରନ୍ତ ଏହି ଜମି ସର୍ବପୁରାତନ ବିଦ୍ୟାଳୟକୁ ଫେରାଇବାକୁ ଉଠିଛି ଦାବି ।

ସୂଚନା ଅନୁଯାୟୀ, ୧୯୫୮ ମସିହାରେ ତତ୍କାଳୀନ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପାତ୍ରଙ୍କ ଅନୁରୋଧ କ୍ରମେ କେବଳ ବିଦ୍ୟାଳୟ ସ୍ଥା ?ପନ ନିମନ୍ତେ ନିଲକଣ୍ଠ ରାୟ ପ୍ଲଟ ନଂ ୬୬୯/୧, ଡ଼. ଡି କାମେଶ୍ୱର ରାଓ ପ୍ଲଟ ନଂ ୬୬୯/୨, କେ. ନିଲକଣ୍ଟମ ପ୍ଲଟ ନଂ ୬୬୮ ଏବଂ ୬୬୭, ଜାନକୀରାମ ନୀଳକାଣ୍ଡମ ପ୍ଲଟ ନଂ ୬୯୦,୬୭୨,୬୭୩ କୁ ସ୍ୱଳ୍ପ ମୂଲ୍ୟରେ ସ୍କୁଲକୁ କିଛି ଜମି ବିକ୍ରି ଏବଂ ଦାନସୂତ୍ରରେ ଦେଇଥିଲେ । ଏଥିରେ ଜୟପୁର ଏଲଆର ମୌଜାର ଖାତା ନଂ ୧୦୭,୧୦୮, ୧୦,୧୩୪, ୨୫୨,୨୫୫,୨୫୭ ରେ ଥିବା ପ୍ଲଟ ନଂ ୬୬୯/୧,୬୬୮, ୬୬୯/୨, ୬୭୦, ୬୭୧, ୬୭୩/୨, ୬୭୫/୨, ୬୬୭ଅନୁଯାଇ ସମୁଦାୟ ୨୪.୮୧ ଏକର ଜମି ରହିଥିଲା । ୨୦୦୨ଡିସେମ୍ବର ୨୭ତାରିଖ ଦିନ ସରକାରୀ ଜମି ପ୍ଲଟ ନଂ ୬୭୨ରେ ଥିବା ୦.୨୬ ଏକର କୁ ବାଦ ଦେଇ ୨୪.୫୫ ଏକର ଜାଗାକୁ ବିଦ୍ୟାଳୟ ନାମରେ ନମୋଦ କରିବାକୁ ଆବେଦନ କରିବାକୁ ଚିଠି ନଂ ୮୧୫୮ ତାରିଖ ୨୭-୧୨-୨୦୦୨ ମସିହାରେ ନିର୍ଦ୍ଦେଶ ବି ଦିଆଯାଇଥିଲା । କିନ୍ତୁ ବର୍ତ୍ତମାନର ସରକାର ବିଦ୍ୟାଳୟ ନାମରେ ନୂତନ ରାଜସ୍ୱ ଖାତା ନଂ ୨୬୭/୪ ଅନୁଯାଇ କେବଳ ୧୯.୫୩ ଏକର ନମୋଦ କରି ମାଲିକାନା ସତ୍ତ୍ୱ ସ୍ୱରୁପ ଆରଓଆର ପ୍ରଦାନ କରିଛନ୍ତି । ଏଥିଯୋଗୁ ବିଦ୍ୟାଳୟର ବଳକା ୫.୨ ଏକର କୁଆଡେ ଗାୟବ ହୋଇଗଲା ବୋଲି ଏଠାରେ ପଢ଼ିଥିବା ବହୁ ପୁରାତନ ଛାତ୍ର, ଦାନରେ ଜମି ଦେଇଥିବା ଜମି ମାଲିକମାନଙ୍କ ପରିବାରବର୍ଗ ପ୍ରଶ୍ନ କରିଛନ୍ତି । ସହରର ପ୍ରମୁଖ ଅଂଚଳରେ ଥିବା ସରକାରୀ ଉଚ୍ଚବିଦ୍ୟାଳୟର ୫ଏକର ୨ସେଣ୍ଟ ଜମି ଅଚାନକ ଗାୟବ ହେବା ପଛରେ କଣ ରହସ୍ୟ ରହିଛି ବୋଲି ପ୍ରଶ୍ନ ହୋଇଛି । ବିଦ୍ୟାଳୟ ଭଳି ମନ୍ଦିର ସଦୃଶ୍ୟ ସ୍ଥାନର ଜମିକୁ କିଏ ଗାୟବ କରିଛି ନା ଜବରଦଖଲରେ ରହିଛି ତାହାକୁ ତଦନ୍ତ କରି ତୁରନ୍ତ ଏହି ଜମି ବିଦ୍ୟାଳୟକୁ ଫେରାଇବାକୁ ଉଠିଛି ଦାବି ।



ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୯ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 09 OCTOBER 2023

Vol.No. 34 ■ No. 266■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ: ଇସ୍ରାଏଲ-ପାଲେଷ୍ଟାଇନ ମଧ୍ୟରେ ଘମାଘୋଟ ଲଢେଇ

ନୂଆଦିଲ୍ଲୀ,୦୮/୧୦ :ବର୍ଷ ବର୍ଷ ଧରି ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ଥିବା ବିବାଦ ଏବେ ଭିନ୍ନ ରୂପରେ ସାମ୍ନାକୁ ଆସିଛି । ଯେତେବେଳେ ଆତଙ୍କବାଦୀ ସଂଗଠନ ହମାସ, ଇସ୍ରାଏଲ ଉପରେ ଘନଘନ ମିସାଇଲ ମାଡ଼ କରୁଛି । ଏହାର ଜବାବରେ ଇସ୍ରାଏଲ ଯୁଦ୍ଧ ଘୋଷଣା କରିବା ସହ ହମାସର ଠିକଣା ଉପରେ ବୋମା ଓ ମିସାଇଲ ମାଡ଼ କରିଛି । ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଏଭଳି ଗଣହତ୍ୟାର ଚିତ୍ର ସାମ୍ନାକୁ ଆସିଛି । ଯାହା ଗତ ୫୦ ବର୍ଷ ମଧ୍ୟରେ ଦେଖିବାକୁ ମିଳିନଥିଲା । ବର୍ତ୍ତମାନ ସୁଦ୍ଧା ଉଭୟ ପକ୍ଷରୁ ୫ଶହରୁ ଅଧିକଙ୍କ ଜୀବନ ଗଲାଣି । ଆତଙ୍କବାଦୀ ସଂଗଠନ ହମାସର ଆକ୍ରମଣରେ ଇସ୍ରାଏଲରେ ୨୫୦ରୁ ଅଧିକ ମୃତ୍ୟୁ ଓ ୧୫ଶହରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି । ସେହିପରି ୫୦ରୁ ଅଧିକ ସାଧାରଣ ନାଗରିକ ଓ ସୈନିକଙ୍କୁ ହମାସ୍ ବନ୍ଦୀ ରଖିଥିବା କୁହାଯାଉଛି । ହମାସ ଆକ୍ରମଣରେ ଇସ୍ରାଏଲ ଡିଫେନ୍ସ ଫୋର୍ସ କମାଣ୍ଡର ନହଲ ବ୍ରିଗେଡଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସେପଟେ ହମାସର ଆକ୍ରମଣ ପରେ ପ୍ରଚଣ୍ଡ ପ୍ରତିଆକ୍ରମଣ କରିଛି ଇସ୍ରାଏଲ । ଯୁଦ୍ଧ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ । ଶତ୍ରୁଙ୍କୁ ନିପାତ କରିବାକୁ ଇସ୍ରାଏଲ ଆରମ୍ଭ କରିଛି ଅପରେସନ ଆଇରନ ସୋର୍ଡ । ଗାଜାରେ ଇସ୍ରାଏଲ ଯୁଦ୍ଧବିମାନ ପକ୍ଷରୁ ବୋମା ବର୍ଷା କରାଯାଉଛି । ଏଥିରେ ପାଲେଷ୍ଟାଇନର ୩ ଶହରୁ ଅଧିକ ମୃତ ଓ ୧୭ଶହରୁ ଅଧିକ ଆହତ ହୋଇଛନ୍ତି । ଶନିବାର ସକାଳୁ ଇସ୍ରାଏଲରେ ଘନ-ଘନ ଆକ୍ରମଣ ଆରମ୍ଭ କରିଥିଲା ଆତଙ୍କୀ ସଂଗଠନ ହମାସ । ଏଥିରେ ଇସ୍ରାଏଲର ଅନେକ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ସ୍ଥିତି ଏବେବି ଅସ୍ୱଷ୍ଟ ରହିଛି । ଇସ୍ରାଏଲର କିଛି ଜାଗାରେ ଆତଙ୍କୀ ଓ ସେନା ମଧ୍ୟରେ ଏବେବି ଲଢ଼େଇ ଜାରି ରହିଥିବା କୁହାଯାଉଛି । ହମାସର ଆକ୍ରମଣ ପରେ ମହାଯୁଦ୍ଧ ଆଡକୁ ମୁହାଁଇଛି ମଧ୍ୟପ୍ରାଚ୍ୟ । ଆଉ ପାଲେଷ୍ଟାଇନ ଓ ଇସ୍ରାଏଲର ଯୁଦ୍ଧ ଭିତରେ ବିଶ୍ୱ ଦୁଇ ଭାଗ ହୋଇଯାଇଛି । ଭାରତ, ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ର



ଇସ୍ରାଏଲକୁ ସମର୍ଥନ କରିଥିବା ବେଳେ ମୁସଲିମ ରାଷ୍ଟ୍ର ପାଲେଷ୍ଟାଇନକୁ ସମର୍ଥନ କରିଛନ୍ତି । ଏବେ ନଜର ପକାନ୍ତୁ, ପାଲେଷ୍ଟାଇନ ଓ ଇସ୍ରାଏଲ ମଧ୍ୟରେ କାହିଁକି ପୁଣି ଯୁଦ୍ଧ ଆରମ୍ଭ ହୋଇଛି । କେଉଁ କାରଣକୁ ନେଇ ଦୁଇ ପଡୋଶୀ ଦେଶ ମଧ୍ୟରେ ବିବାଦ ରହିଛି । ଇସ୍ରାଏଲ-ପାଲେଷ୍ଟାଇନ ମଧ୍ୟରେ ଘମାଘୋଟ ଲଢେଇ ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଚେତାବନୀ । ହମାସକୁ ଚେତାବନୀ ଦେଇ କହିଛନ୍ତି, ତାଙ୍କର ଆଡ୍ଡାକୁ ଧୂଳିସାତ୍ କରିଦେବେ । ଗାଜା ସହରରେ ସେମାନେ ଲୁଚି ରହିଥିବା ସ୍ଥାନକୁ ମାଟିରେ ମିଶାଇ ଦେବେ । ଗାଜାରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଳାଇ ଯିବା ପାଇଁ କହିଛନ୍ତି । ସେ ତୁରନ୍ତ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବାରୁ ସୁରକ୍ଷିତ ସ୍ଥାନକୁ ପଳାଇବା ପାଇଁ ଟ୍ୱିଟ୍ କରି କହିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ । ଶନିବାର ଏସ୍ରାଏଲ ଉପରେ ଆକ୍ରମଣ ପରେ ସାମ୍ନାକୁ ଆସିଥିଲେ ନେତନ୍ୟାହୁ । କହିଥିଲେ, ଆମେ ଯୁଦ୍ଧରେ ଅଛୁ, ଅପରେସନ୍ରେ ନୁହଁ । ହମାସ, ଇସ୍ରାଏଲ ରାଜ୍ୟ ଓ ସେମାନଙ୍କ ନାଗରିକଙ୍କ ବିରୋଧରେ ମରଣାନ୍ତକ ଆକ୍ରମଣ କରିଛି ।

## ବିଶ୍ୱକପ୍ : ବିରାଟ, ରାହୁଲଙ୍କ ଲଢୁଆ ବ୍ୟାଟିଂ, ଅଷ୍ଟ୍ରେଲିଆକୁ ୬ ୱିକେଟରେ ହରାଇଲା ଭାରତ




ଚେନ୍ନାଇ ,୦୮/୧୦ : ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ୬ ୱିକେଟରେ ଏକ ଲଢୁଆ ବିଜୟ ସହ ନିଜର ବିଜୟ ଅଭିଯାନ ଆରମ୍ଭ କରିଛି ଭାରତ । ଆରମ୍ଭରୁ ମାତ୍ର ୨ ରନରେ ୩ଟି ୱିକେଟ ହରାଇ ସଂକଟରେ ପଡ଼ିଥିବା ଭାରତ ପାଇଁ ପୁଣି ଥରେ ସଂକଟମୋଚକ ସାଜିଥିଲେ ବିରାଟ କୋହଲି । ଅଷ୍ଟ୍ରେଲିଆର ଶକ୍ତିଶାଳୀ ବୋଲିଂ ଆକ୍ରମଣ ବିରୋଧରେ ସେ ଓ କେଏଲ ରାହୁଲ ଲଢୁଆ ବ୍ୟାଟିଂ କରି ଦଳ ପାଇଁ ଏକ ସ୍ମରଣୀୟ ବିଜୟ ଆଣି ଦେଇଥିଲେ । ବିରାଟ ୮୫ ଓ ରାହୁଲ ଅପରାଜିତ ୯୭ ରନ କରିଥିଲେ । କେଏଲ ରାହୁଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । କିନ୍ତୁ କୌଣସି ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କ ଆଗରେ ତିଷ୍ଠି ପାରିନଥିଲେ । ଏପରିକି କୌଣସି ବ୍ୟାଟ୍ସମ୍ୟାନ ୫୦ ରନ ଛୁଇଁପାରିନଥିଲେ । କେବଳ ଷ୍ଟିଭେନ ସ୍ମିଥ ସର୍ବାଧିକ ୪୬ ରନ ଓ ଡେଭିଡ୍ ୱାର୍ନର ୪୧ରନ କରିଥିଲେ ।ମିଚେଲ ଷ୍ଟାର୍କ ୨୮ରନ କରିଥିବାବେଳେ ଗ୍ଲେନ ମାକ୍ସୱେଲ ଓ ପାଟ୍ କମିନ୍ସ ୧୫ ରନ ଲେଖାଏଁ କରିଥିଲେ । ଭାରତ ପକ୍ଷରୁ ରବୀନ୍ଦ୍ର ଜାଦେଜା ୩ଟି ୱିକେଟ ନେଇଥିବାବେଳେ ଯଶପ୍ରୀତ ବୁମରା ଓ କୁଳଦୀପ ଯାଦବ ୨ଟି ଲେଖାଏଁ ୱିକେଟ ନେଇଥିଲେ । ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବିଚନ୍ଦ୍ରନ ଅଶ୍ୱୀନ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

## ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ: ୭ ଅଧିକାରୀଙ୍କୁ ନୂଆ ଦାୟିତ୍ୱ



ଭୁବନେଶ୍ୱର, ୦୮/୧୦ (ନି.ପ୍ର): ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ବିଷ୍ଣୁପଦ ସେଠୀ ପ୍ରମୁଖ ଶାସନ ସଚିବ ହୋଇଛନ୍ତି। ତାଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ଦାୟିତ୍ୱ ଦିଆଯାଇଛି। ଅପରପକ୍ଷରେ ଭାସ୍କର ଜ୍ୟୋତି ଶର୍ମା। ଲ୍ୟାଣ୍ଡ ରେକର୍ଡ ଓ ସେଟଲମେଣ୍ଟ କମିଶନର ଓ ବି ପରମେଶ୍ୱରନ ଚକବନ୍ଦୀ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି। ଠିକ୍ ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଜ୍ୟୋତିପ୍ରକାଶ ଦାସ ହୋଇଛନ୍ତି ସ୍ପେସାଲ ପ୍ରୋଜେକ୍ଟ ପିଆର ଆଣ୍ଡ ଡିଡବ୍ଲୁ ବିଭାଗର ନିର୍ଦ୍ଦେଶକ । ଏହାସହ ସେ ଆରଓଟିଆଇର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ସ୍ପେଶାଲ ପ୍ରୋଜେକ୍ଟ, ପିଆର ଆଣ୍ଡ ଡି ଡବ୍ଲୁ ବିଭାଗର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କୁ ପାନୀୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଏଣେ ଇନ୍ଦ୍ରମଣି ତ୍ରିପାଠୀ ଏସସି ଓ ଏସଟି ବିଭାଗର ନିର୍ଦ୍ଦେଶକ ଓ ସୁବ୍ରତ ଶତପଥୀଙ୍କୁ ରେଜିଷ୍ଟ୍ରେସନ ବିଭାଗର ଇନସ୍ପେକ୍ଟର ଜେନେରାଲ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଅପହରଣର ୩ ଦିନ ପରେ ମିଳିଲା ଯୁବକଙ୍କ କ୍ଷତବିକ୍ଷତ ମୃତଦେହ

ଗଞ୍ଜାମ, ୦୮/୧୦ (ନି.ପ୍ର): ଅପହରଣର ୩ ଦିନ ପରେ ମିଳିଲା ଯୁବକଙ୍କ କ୍ଷତବିକ୍ଷତ ମୃତଦେହ। ଏପରି ଘଟଣା ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅଞ୍ଚଳରେ ଘଟିଛି। ତେବେ ତାଙ୍କୁ କିଏ ଓ କାହିଁକି ଅପହରଣ କଲା ଏବଂ ହତ୍ୟା କଲା, ତାହା ଜଣାପଡ଼ି ନାହିଁ। ପୁଲିସ ଘଟଣାର ତଦନ୍ତ ଚଳାଇଛି। କବିସୂର୍ଯ୍ୟନଗର କେ.ଖରିଡା ଗାଁର ଦୀପୁ ପାତ୍ର ଗତ ଶୁକ୍ରବାର କୌଣସି ଏକ ମାମଲାରେ କୋଦଳା କୋର୍ଟକୁ ଯାଇଥିଲେ। କୋର୍ଟରେ କାମ ସରିବା ପରେ ସେ ନିଜ ଗାଁକୁ ଫେରିଥିଲେ। ସେହି ସମୟରେ ତାଙ୍କୁ ଜେ.ଛଟିନା ଗାଁ ନିକଟରୁ ଅପହରଣ କରାଯାଇଥିଲା। ଏ ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ହେଲେ ଦୀପୁଙ୍କ ପତ୍ତା ପାଇନଥିଲା। ପୁଲିସ୍ ଦୀପୁ ପାତ୍ରଙ୍କ ନିଖୋଜକୁ ନେଇ ଚିନ୍ତାରେ ପଡ଼ିଯାଇଥିଲା। ଠିକ୍ ସେହି ସମୟରେ ଦୀପୁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଏକ ଫୋଟ ସୋଶାଲ୍ ମିଡ଼ିଆରେ ଭାଇରାଲ୍ ହୋଇଥିଲା। ସେହି ଫୋଟକୁ ନେଇ ପୁଲିସ୍ ଖୋଳତାଡ କରୁଥିଲା। ଆଜି ଦୀପୁଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରିଥିଲା। ସାତନଳ ଛକ ହ୍ରଦ ନିକଟ ଏକ ବୁଦାରୁ ମୃତଦେହ ଉଦ୍ଧାର ରିଛି ପୁଲିସ୍। ତେବେ ଏଠି ପ୍ରଶ୍ନ ଉଠୁଛି, ଦୀପୁଙ୍କୁ କିଏ ଓ କାହିଁକି ଅପହରଣ କରିଥିଲା ? କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ? କାହା ସହିତ ଦୀପୁଙ୍କର ପୂର୍ବରୁ ଶତ୍ରୁତା ଥିଲା କି ? ଏମିତି ନାନା ପ୍ରଶ୍ନ ଜାଲ୍ ?ରେ ଛନ୍ଦି ହୋଇ ପଡ଼ିଛି ପୁଲିସ।

## ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟରେ ଘରୋଇ ବସ୍ ଧର୍ମଘଟ ଅକ୍ଟୋବର ୧୦ ତାରିଖରୁ

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ଆସନ୍ତା ୧୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟରେ ଘରୋଇ ବସ୍ ଧର୍ମଘଟ ହେବ। ଏହି ସମୟରେ କେ ?ଣସି ଘରୋଇ ଯାତ୍ରୀବାହୀ ବସ୍ ଚଳାଚଳ କରିବ ନାହିଁ। ଅଲ ଓଡିଶା ବସ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଗଣମାଧମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏନେଇ ଆଜି ପୁଣି ଥରେ ଅଲ ଓଡିଶା ବସ ମାଲିକ ସଂଘ ସାଧାରଣ ବୈଠକରେ ନିଷ୍ପତ୍ତି ହେଇଛି। ଗତ ୨୭ତାରିଖରେ ମଧ ବୈଠକରେ ବନ୍ଦ କରିବାକୁ ନେଇ ନିଷ୍ପତ୍ତି ନେଇଥିଲେ। ହେଲେ ସରକାର ଆଲୋଚନାକୁ ଡାକିଲେ ନାହିଁ କି ଦିଆଯାଇଥିବା ସ୍ମାରକ ପତ୍ର ମୁତାବକ କୌଣସି ଦାବି ସରକାର ମାନିଲେ ନାହିଁ। ତେଣୁ ଦାବି ପୁରଣ ନହେବା ପର୍ଯ୍ୟନ୍ତ ସ୍କୁଲ, କଲେଜ, ଟୁର ଟ୍ରାଭେଲ ବସ ସହ ଘରୋଇ ବସ ବନ୍ଦ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ଆଫଗାନିସ୍ତାନ ଭୂମିକମ୍ପରେ ୨୦୦୦ ଟପିଲା ମୃତ୍ୟୁ ସଂଖ୍ୟା: ମାଟିରେ ମିଶିଲା ୪୦ କିଲୋମିଟର ଅଞ୍ଚଳ

ନୂଆଦିଲ୍ଲୀ,୦୮/୧୦ : ଆଫଗାନିସ୍ତାନରେ ପୁଣି ପ୍ରଳୟ ଆଣିଛି ଭୀଷଣ ଭୂମିକମ୍ପ । ତାଲିବାନ୍ ପ୍ରବକ୍ତାଙ୍କ ସୂଚନା ମୁତାବକ, ପଶ୍ଚିମ ଆଫଗାନିସ୍ତାନରେ ବଡ ଧରଣର ଭୂମିକମ୍ପରେ ଏଯାଏଁ ମୃତ୍ୟୁ ସଂଖ୍ୟା ୨୦୦୦ ଟପିଲାଣି । ପଶ୍ଚିମ ଆଫଗାନିସ୍ତାନ ଓ ଇରାନର ସୀମାରେ ସୃଷ୍ଟି ହୋଇଥିବା ଏହି ଶକ୍ତିଶାଳୀ ଭୂମିକମ୍ପରେ ହଜାର ହଜାର ଲୋକ ପ୍ରାଣ ହରାଇଥିବାବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି ।ଏହାସହ ହଜାର ହଜାର ସଂଖ୍ୟାରେ ଲୋକ ବାସହୀନ ହୋଇପଡିଛନ୍ତି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୬.୩ ରେକର୍ଡ କରାଯାଇଥିଲା । ଭୂମିକମ୍ପରେ ହେରାତ ସହରର ପାଖାପାଖି ୪୦ କିଲୋମିଟର ଦୂରତା ଭିତରେ ଥିବା ୬ଟି ଗାଁ ଧ୍ୱଂସ ହୋଇଛି । ଶହଶହ କୋଠା ମାଟିରେ ମିଶିଛି । ଏବେବି ଅନେକ ଲୋକ ମାଟି ତଳେ ପୋତି ହୋଇରହିଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ବାହାନଗା ଟ୍ରେନ ଟ୍ରାଜେଡି: ୨୮ ଅଚିହ୍ନା ମୃତଦେହର ହେବ ସଂସ୍କାର

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣା ଘଟଣାରେ ଅଚିହ୍ନା ମୃତଦେହର ସଂସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଚିହ୍ନଟ ହୋଇନଥିବା ୨୮ଟି ମୃତଦେହର ସଂସ୍କାର କରାଯିବ । ଏନେଇ ବିଏମସି ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଡିଏନଏ ଟେଷ୍ଟ ପରେ ୨୮ଟି ମୃତଦେହର ଚିହ୍ନଟ ହୋଇପାରୁନଥିବାରୁ ଏବେବି ଏମ୍ସରେ ୨୮ଟି ମୃତଦେହ ରହିଛି । ତେବେ ଏହା ଡିସପୋଜ ପାଇଁ ଅଗଷ୍ଟ ୨୫ରେ ସିବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଥିଲା । ଏହାପରେ ଅକ୍ଟୋବର ୭ରେ ଖୋର୍ଦ୍ଧା ଜିଲ୍ଲାପାଳ ଚିଠି ଲେଖିବା ପରେ ଅଚିହ୍ନା ମୃତ ଶରୀର ଡିସପୋଜ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ବିଏମସି । ଏଥିପାଇଁ ରବିବାର ବିଏମସି ପକ୍ଷରୁ ଜାରି ହୋଇଛି ଏସଓପି । ନିର୍ଦ୍ଦେଶାବଳୀ ଅନୁସାରେ, ଏମ୍ସ ଭୁବନେଶ୍ୱରରୁ ମୃତଦେହ ହସ୍ତାନ୍ତର ଠାରୁ ଆରମ୍ଭ କରି ଶବ ସଂସ୍କାର ଯାଏଁ ସବୁକିଛିର ଭିଡିଓଗ୍ରାଫି କରାଯିବ ।



## କବି ଜୟନ୍ତ ଷଡ଼ଙ୍ଗୀଙ୍କ ପ୍ରଥମ କବିତା ସଂକଳନ 'ସପ୍ତଧାରା' ଲୋକାର୍ପିତ



ନୀଳଗିରି , ୦୮/୧୦ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ନୀଳଗିରି ମାଟିର ସୁଯୋଗ୍ୟ ସନ୍ତାନ କବି ଜୟନ୍ତ କୁମାର ଷଡଙ୍ଗୀଙ୍କ ପ୍ରଥମ କବିତା ସଂକଳନ 'ସପ୍ତଧାରା' ଲୋକାର୍ପିତ ହୋଇଯାଇଛି । ଉକ୍ତ ସାରସ୍ୱତ ଉତ୍ସବରେ ନୀଳଗିରି ମାଟିର ବରିଷ୍ଠ ସାରସ୍ୱତ ସାଧକ ଶ୍ରୀଯୁକ୍ତ ଦୟାନିଧି ଦାଶ ସଭାପତି ତଥା ଉନ୍ମୋଚକ ଭାବରେ ଯୋଗଦାନ କରି ଜୟନ୍ତ ଷଡଙ୍ଗୀଙ୍କ ସୃଷ୍ଟିକୁ ପ୍ରଶଂସା କରିବା ସହ ସ୍ଥଳେସ୍ଥଳେ ତ୍ରୁଟି ମାର୍ଜନା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ମୁଖ୍ୟ ସମୀକ୍ଷକ ଭାବରେ ପ୍ରାକ୍ତନ ପ୍ରଫେସର ସମାଲୋଚକ ଡ଼ ରାଧାରଞ୍ଜନ ପଟ୍ଟନାୟକ କବି ଷଡଙ୍ଗୀଙ୍କ କବିତା ସଂକଳନକୁ କ୍ରମାନ୍ୱୟରେ ସମୀକ୍ଷା ରଖି ଶ୍ରୋତାଙ୍କ ମନକୁ ଜିଣି ନେଇଥିଲେ । ଅନ୍ୟ ଅତିଥି ଭାବରେ ପ୍ରକାଶକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ କବି କାଳୀପଦ ପଣ୍ଡା, ସାଗରିକା ତଥା ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡା, ନୀଳପ୍ରଭା ସାହିତ୍ୟ ସଂସଦର ପ୍ରତିଷ୍ଠାତା କବି ଗଙ୍ଗାଧର ଦାସ, ନୀଳଗିରି ସାରସ୍ୱତ ସମନ୍ୱୟ ସମିତିର ସମ୍ପାଦିକା କବୀ ସୁବାସିନୀ ଜୀ, କବିପିତା ପୁରୁଷୋତ୍ତମ ଷଡଙ୍ଗୀ ମଂଚାସୀନ ରହି କବି ଷଡଙ୍ଗୀଙ୍କ ପୁସ୍ତକ ସମ୍ପର୍କରେ ଆଲୋଚନା ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ ମିତ୍ରପୁରର ପ୍ରାକ୍ତନ ଅଧକ୍ଷ ଡ଼ ଶରତ ଚନ୍ଦ୍ର ପାଣିଗ୍ରାହୀ, ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ ସନ୍ତୋଷ ସିଂହ ଉପସ୍ଥିତ ରହି କବି ଜୟନ୍ତ ଷଡଙ୍ଗୀଙ୍କ ଜୀବନ ଶୈଳୀ ବଖାଣି ଥିଲେ । ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧାପକ ପ୍ରଦୀପ୍ତ କୁମାର ମିଶ୍ର ସଂଯୋଜକ ଭାବରେ ସଂଯୋଜନା କରିବା ସହ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଗଣେଶ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ । ଏଥିରେ ମହିଳା ମହାବିଦ୍ୟାଳୟର ଛାତ୍ରୀ ଭାବରେ ବର୍ଷା। ପ୍ରିୟଦର୍ଶିନୀ, ତନୁଶ୍ରୀ, ହେମଲତା, ସାଇପ୍ରଭା, ସୁମିତ୍ରା, ଦୀପାଞ୍ଜଳି, ଅନିତା, ଛବିରାଣୀ, ଲକ୍ଷ୍ମୀମଣି, ତନୁଶ୍ରୀ, ବୈଶାଖୀ, ଇତିଶ୍ରୀ,ଦେବୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଅଣଶିକ୍ଷକ ଆଦିକନ୍ଦ ବିଶ୍ୱାଳ ପୂର୍ଣ୍ଣ ସହାୟତା ଯୋଗାଇଥିଲେ । ଶେଷରେ କବିପିତା ପୁରୁଷୋତ୍ତମ ଷଡଙ୍ଗୀ ସଭାସାଙ୍ଗ ହେବାର ଘୋଷଣା କରିଥିଲେ ।

## ବାଦାମବାଡ଼ିରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପାଠାଗାର



କଟକ, ୦୮/୧୦ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ନେତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ କଟକର ପୁରୀ-ଅନୁଗୋଳ ବସ୍‌ଷ୍ଟାଣ୍ଡ ବାଦାମବାଡିରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପାଠାଗାର ଓ ରିଡିଂହଲ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ୩୦, ୫୮,୩୧,୧୦୦ ଟଙ୍କା ମଞ୍ଜୁରୀ ହୋଇଛି। ୫ଟ ସଚିବଙ୍କ କଟକ ଗସ୍ତ ସମୟରେ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ ଏକ ଅତ୍ୟାଧୁନିକ ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ମତ ପ୍ରକାଶ ପାଇଥିଲା। କଟକବାସୀଙ୍କ ମତାମତକୁ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ବାଦାମବାଡିରେ ଲାଇବ୍ରେରୀରେ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଲାଇବ୍ରେରୀରେ ଏକ ବଡ ରିଡିଂ ହଲ୍ ମଧ ରହିବ। ଯେଉଁଠି ପାଠକ ପାଠିକାମାନେ ବସି ପଢ଼ିପାରିବେ। ସୂଚନାଯୋଗ୍ୟ, ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତ କଟକର ଡଗରପଡାଠାରେ ଜନ୍ମ ଗ୍ରହଣ କରିଥିଲେ। ସାଧୀନତା ସଂଗ୍ରାମରେ ଯୋଗଦେଇ ସେ କାରାବରଣ କରିଥିଲେ। ପରେ ସମାଜବାଦୀ ଆନ୍ଦୋଳନରେ ଯୋଗଦେଇ ଦଳିତ, ଶ୍ରମିକ ଓ ମଜ୍‌ଦୁରମାନଙ୍କ ସ୍ୱାର୍ଥ୍ୟର ସୁରକ୍ଷା ପାଇଁ ଜୀବନବ୍ୟାପି ସଂଗ୍ରାମ କରିଥିଲେ। ତାଙ୍କ ନାଁରେ ଲାଇବ୍ରେରୀ ପ୍ରତିଷ୍ଠା ଦ୍ୱାରା ସ୍ୱର୍ଗତ ପଣ୍ଡିତଙ୍କର ସ୍ମୃତିକୁ ଉପଯୁକ୍ତ ସମ୍ମାନ ମିଳିବା ସହିତ ତାଙ୍କ ଅବଦାନ ସମ୍ପର୍କରେ ଜନସାଧାରଣ, ବିଶେଷକରି ଯୁବସମାଜ ଅବଗତ ହେବା ସହିତ ଅନୁପ୍ରାଣିତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୯ ଅକ୍ଟୋବର ୨୦୨୩, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜାତିଗତ ଜନଗଣନା...

ଏଇ ମାତ୍ର ଅଳ୍ପ ଦିନ ପୂର୍ବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ ଯାଦବ ଜାତି-ଆଧାରିତ ଜନଗଣନା ରିପୋର୍ଟ ପ୍ରକାଶ କରିବା ପରେ ଜାତୀୟ ସ୍ତରରେ ଏଭଳି ଧରଣର ଜନଗଣନା କରିବାକୁ ଦାବି ଉଠିଛି। ଆଉ ଏଥର ଏହି ଦାବିକୁ ଉଠାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସମଗ୍ର ଦେଶରେ ଜାତି-ଆଧାରିତ ଜନଗଣନା ପାଇଁ ୨୦୦୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଜାତୀୟ ବିକାଶ ପରିଷଦରେ ତାଙ୍କ ମତ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ସମ୍ବଳଗୁଡ଼ିକ ଉପରେ ପ୍ରଥମ ଦାବି ମୁସଲମାନମାନଙ୍କ ସମେତ ସଂଖ୍ୟାଲଘୁମାନଙ୍କର ହେବା ଉଚିତ। ଏଥପାଇଁ ଯୋଜନାଗୁଡ଼ିକ ଏମିତି କରାଯିବା ଆବଶ୍ୟକ ଯେପରିକି ସଂଖ୍ୟାଲଘୁମାନଙ୍କୁ ବିକାଶର ଫଳଗୁଡ଼ିକର ନିଷ୍ପକ୍ଷ ଆବଣ୍ଟନ କରାଯିବା ଦ୍ୱାରା ସେମାନଙ୍କୁ ସଶକ୍ତ କରାଯାଇ ପାରିବ। ଏହାଦ୍ୱାରା ସେମାନଙ୍କର ପ୍ରଥମ ଅଧିକାର ବଳରେ ସେମାନେ ଏହା ଭୋଗ କରି ପାରିବେ ବୋଲି ସେ ପରାମର୍ଶ ଦେଇଥିଲେ। ସେତେବେଳେ ସେ ସାମାଜିକ ନ୍ୟାୟ ବିଷୟରେ କହିଥିଲେ, ସଂଖ୍ୟାଗତ ପ୍ରମୁଖତା ବିଷୟରେ ନୁହେଁ, କାରଣ ଯେଉଁମାନେ ସେ ଅଧିକାରକୁ ଆବଣ୍ଟିତ କରିବାର ଥିଲା, ସେମାନଙ୍କ ମଧ୍ୟରେ ସେ ମୁସଲମାନମାନଙ୍କୁ ସାମିଲ କରିଥିଲେ। ସମ୍ପ୍ରତି ବିହାରର ଜାତି-ଆଧାରିତ ଜନଗଣନା ରିପୋର୍ଟ ପ୍ରକାଶିତ ହେବା ପରିପ୍ରେକ୍ଷୀରେ କଂଗ୍ରେସ ଏବଂ 'ଇଣ୍ଡିଆ' (ଆଇଏନ୍‌ଡିଆଇଏ) ମେଣ୍ଟ ଯେତେବେଳେ ପରିବର୍ତ୍ତିତ ରାଜନୀତିକ ଅବସ୍ଥାରେ ଏହି ଦାବି ଉଠାଇଛନ୍ତି, ସେତେବେଳେ ଡକ୍ଟର ସିଂହଙ୍କ ନୀତିଗୁଡ଼ିକ ବିବର୍ଜିତ ହୋଇଥିବା ଦେଖିବାକୁ ମିଳିଛି। ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଏକ ଦେଶବ୍ୟାପି ଜାତି ଜନଗଣନା କରିବା ଉପରେ ଜୋର୍ ଦେଉଛନ୍ତି ; ଶ୍ରୀଯୁକ୍ତ ଗାନ୍ଧୀ ଏକଥା ମଧ କହିଛନ୍ତି ଯେ ଅଧିକାର ଏବଂ ଲାଭଗୁଡ଼ିକ ଜନସଂଖ୍ୟାରେ ପ୍ରତ୍ୟେକ ସମ୍ପ୍ରଦାୟର ଅଂଶ ଅନୁସାରେ ହେବା ଉଚିତ। ତେଣୁ ବର୍ତ୍ତମାନ ପ୍ରଥମ ଅଧିକାର ନୀତି ଏକ ସଂଖ୍ୟକ ବା ସଂଖ୍ୟା ଆଧାରିତ ହୋଇ ଯାଇଛି, ଯାହା ବିହାରର ସଦ୍ୟତମ ଜାତି ଜନଗଣନାରେ ଏକ ରାଜନୀତିକ ପ୍ରସଙ୍ଗ ଲାଭ କରିଛି। ଏହାର ଫଳାଫଳ ଦର୍ଶାଇଛି ଯେ ଅନ୍ୟାନ୍ୟ ପଛୁଆ ଶ୍ରେଣୀ (ଓବିସି) ଏବଂ ଅତ୍ୟଧୁକ ପଛୁଆ ଶ୍ରେଣୀ (ଇବିସି) ମିଳିତ ଭାବରେ ରାଜ୍ୟର ମୋଟ ଜନସଂଖ୍ୟାର ୬୩ ପ୍ରତିଶତ ହେଉଛନ୍ତି। ଶ୍ରୀଯୁକ୍ତ ଗାନ୍ଧୀଙ୍କ ଗୁରୁତ୍ୱାରୋପ ଜନସାଧାରଣଙ୍କ କଲ୍ୟାଣ ସହିତ ସାମାଜିକ ନ୍ୟାୟ ପ୍ରଦାନ ଉପରେ 'ଇଣ୍ଡିଆ' ମେଣ୍ଟର ଗୁରୁତ୍ୱାରୋପକୁ ପ୍ରଦର୍ଶିତ କରୁଛି। କିନ୍ତୁ ଏହା ମଧ ଏକ ପ୍ରଶ୍ନ ଉଠାଇ ଥାଏ : ଯେଉଁ ସମ୍ପ୍ରଦାୟଗୁଡ଼ିକ ସମାଜର ଅତି ନିମ୍ନ ସ୍ତରରେ ରହିଛନ୍ତି, ସେମାନଙ୍କୁ ଉପରକୁ ଉଠାଇବା ପାଇଁ କାର୍ଯ୍ୟ କରିବାର ଆବଶ୍ୟକତାକୁ କୌଣସିମତେ ମନା କରାଯାଇ ନ ପାରିବା ବେଳେ ସଂଖ୍ୟାଗତ ସୀମାର ପ୍ରଚଳନ ଆଉ ଏକ ଭିନ୍ନ ଧରଣର ବହୁଳତାବାଦର ସମ୍ଭାବନାକୁ ଉନ୍ମୋଚନ କରିବ କି ? ପୁନଶ୍ଚ, ନିଜେ ବିଳମ୍ବରେ ହେଲେ ବି ସଂଖ୍ୟାଲଘୁ ଧର୍ମଗୁଡ଼ିକଙ୍କ ପ୍ରତି ସୌହାର୍ଦ୍ଦ୍ୟ ପ୍ରଦର୍ଶନ କରିଛନ୍ତି, ଯେହେତୁ ସଂଖ୍ୟା ଦୃଷ୍ଟିରୁ ଅଧିକ ଥିବା ଗୋଷ୍ଠୀ ଅଧିକାର ଏବଂ ଲାଭଗୁଡ଼ିକ ଅଧିକ ପରିମାଣରେ ହାସଲ କରିନେବେ। ଆଉ ଏହା ଥିଲା ସଂଖ୍ୟାଲଘୁମାନଙ୍କ ସଶକ୍ତିକରଣ ପାଇଁ ସ୍ୱର ଉତ୍ତୋଳନ କରିବାର ଏକ ବିଭାଜନକାରୀ ମୋଡ଼। ସଂଖ୍ୟା ବଳରେ ପ୍ରଥମ ଅଧିକାର ପ୍ରଦାନ ସମ୍ପର୍କିତ ନିଷ୍ପତ୍ତି ନେବା ଅନେକ ସଂଖ୍ୟକ ବିପଦକୁ ବହନ କରି ନଥାଏ, କିନ୍ତୁ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କର ବହୁଳତାବାଦ ପ୍ରସଙ୍ଗ ଉଠାଇବା ଏବଂ ଏହି ସରକାରଙ୍କ ସମୟରେ ଜାତି-ଓ –ସମ୍ପ୍ରଦାୟ-ଆଧାରିତ ହିଂସାକାଣ୍ଡ ବୃଦ୍ଧି ପାଇବା ଶ୍ରୀଯୁକ୍ତ ମୋଦୀଙ୍କ ପ୍ରଶଂସନୀୟତାର ସମାଲୋଚନାକୁ ଶୋଷି ନେଉଥିବା ଜଣାପଡ଼େ। ସେ ମଧ ଜାତିର ସଂଜ୍ଞାକୁ ପରିଭାଷିତ କରିବାକୁ ଯାଇ ଦୃଢ଼ କଣ୍ଠରେ କହିଛନ୍ତି ଯେ ତାଙ୍କ ପାଇଁ ଦେଶରେ ଗରିବମାନେ ହେଉଛନ୍ତି ସବୁଠୁ ବଡ଼ ଜାତି, ଯେଉଁମାନେ କି ପ୍ରଥମ ଅଧିକାର ପାଇବା କଥା। ପରନ୍ତୁ, ଗରିବମାନଙ୍କ ପାଇଁ ତାଙ୍କ ସରକାରର ସମବେଦନାକୁ ଅନେକ ସନ୍ଦେହୀ ଚକ୍ଷୁରେ ଦେଖିଥାନ୍ତି- ଯେଉଁଥିପାଇଁ ସମ୍ଭବତଃ ଗତ ଲୋକସଭା ନିର୍ବାଚନ ପୂର୍ବରୁ ତରବରିଆ ଭାବରେ ଏକ ଅସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥା ସୃଷ୍ଟି କରିଛନ୍ତି- ତା' ବ୍ୟତୀତ ଶ୍ରୀଯୁକ୍ତ ମୋଦୀ ବୋଧହୁଏ ଭୁଲି ଯାଉଛନ୍ତି ଯେ ସର୍ବାଧିକ ଅବହେଳିତ ଜାତିମାନେ ହିଁ ଦାରିଦ୍ର୍ୟର ଯନ୍ତ୍ରଣାକୁ ଭୋଗ କରିଥାନ୍ତି। ଏମିତି ନୁହେଁ ଯେ ଭାରତରେ ଜାତୀୟ ସ୍ତରର ଜାତି ଜନଗଣନା ରିପୋର୍ଟ ନାହିଁ। ଏ ବାବଦରେ ୨୦୧୧ର 'ସାମାଜିକ-ଅର୍ଥନୀତିକ ଏବଂ ଜାତି ଜନସଂଖ୍ୟା' ରିପୋର୍ଟ ରହିଛି। କିନ୍ତୁ ଏଥିରେ ଯେଉଁ ତଥ୍ୟ ସଂଗୃହୀତ ହୋଇଛି, ତାହା ଅତ୍ୟନ୍ତ ଗୋଳମାଳିଆ ଏବଂ ସାଧାରଣରେ ବୁଝିବା ଏତେ ସହଜ ନୁହେଁ। ଏହି ରିପୋର୍ଟ ଅନୁସାରେ ଲୋକମାନଙ୍କଠାରୁ ସଂଗ୍ରହ କରାଯାଇଥିବା ତଥ୍ୟ ମୁତାବକ ସମଗ୍ର ଦେଶରେ ହାରାହାରି ୪୬ ଲକ୍ଷ ଜାତି ରହିଛନ୍ତି, ଯାହାକି ବୋଧହୁଏ ସେମାନଙ୍କୁ ସେମାନଙ୍କର ଜାତି ସମ୍ପର୍କରେ ପଚରା ଯିବା ସମୟରେ ସେମାନେ ସେମାନଙ୍କ ଜାତି, ଉପ-ଜାତି, ସମ୍ପ୍ରଦାୟ, ଗୋଷ୍ଠୀ ଇତ୍ୟାଦିର ନାଁ କହିଛନ୍ତି। ତେଣୁ ଏକ ବିହାର ଭଳି ଏକ ବିଶୁଦ୍ଧ ଜାତି ଗଣନା କରାଯିବାର ଆବଶ୍ୟକତା ରହିଛି। ତେବେ ମୋଟାମୋଟି ଭାରତୀୟ ଜନତା ପାର୍ଟି ମଣ୍ଡଳ ରାଜନୀତିର ପୁନରୁତ୍‌ଥାନକୁ ଚାହେଁନାହିଁ। କିନ୍ତୁ ଜାତି-ଆଧାରିତ ଜନଗଣନାକୁ ବିରୋଧ କରି ଏହା ବିରୋଧୀ ଦଳଙ୍କୁ ପ୍ରଥମ ଅଧିକାର ନୀତିକୁ କାର୍ଯ୍ୟରେ ଲଗାଇବାର ସୁଯୋଗ ପ୍ରଦାନ କରିଛି।

# ପଣ୍ଡିତ ଗୋପବନ୍ଧୁ ଦାସ

## ବିଶ୍ୱବିଜୟୀ ଦାସ



ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗ ଦେଶର ବିଭିନ୍ନ ଅଞ୍ଚଳରେ ମହାମାନବ ଓ ମହିୟସୀ ମହିଳାଙ୍କୁ ଜନ୍ମ ଦେଇଥିଲା। ଉତ୍କର୍ଷ, ସାମାଜିକ ସଂସ୍କାର, ଶିକ୍ଷା, ଆଇନ ଏବଂ ସାହିତ୍ୟ କ୍ଷେତ୍ର ଚମତ୍କାର ଥିଲା। ଗୋପବନ୍ଧୁ ଦାସ ଥିଲେ ଏପରି ଜାତି ନିର୍ମାତାଙ୍କ ମଧରୁ ଅନ୍ୟତମ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧରୁ ଅନ୍ୟତମ।ସେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ ପିତା ଦୈତାରି ଦାସ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ ଜଣେ କବି, ସାହିତ୍ୟିକ, ସ୍ୱାଧିନତା ସଂଗ୍ରାମୀ, ନିଃସ୍ୱାର୍ଥପର ଜନସେବକ, ଦୈନିକ ଖବରକାଗଜ ସମାଜ ଓ ସତ୍ୟବାଦୀ ପତ୍ରିକାର ପ୍ରତିଷ୍ଠାତା।

ଗୋପବନ୍ଧୁଙ୍କ ମାତାଙ୍କ ମୃତ୍ୟୁ ପରେ ସେ ୧୮୯୩ ମସିହାରେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ। ସେଠାରେ ତାଙ୍କର ଗୁରୁ ମୁକ୍ତିଆର ରାମଚନ୍ଦ୍ର ଦାସଙ୍କ ସହିତ ପରିଚୟ ହୋଇଥିଲା ଓ ତାଙ୍କଠାରୁ ପରେ ସେ ଦେଶସେବା ବାବଦରେ ଶିକ୍ଷା ପାଇଥିଲେ। ୧୨ ବର୍ଷ ବୟସରେ ବିବାହ କରି, ତାହା ପରେ ମଧ ସେ ପାଠପଢ଼ା ଜାରି ରଖିଥିଲେ। ପୁରୀରୁ ମାଟ୍ରିକ ପାସ କରି, ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ ଏବଂ ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ କଲେ ଓ ତାହାପରେ କଲିକତାରେ ବିଏଲ ପଢ଼ିଲେ। କଲିକତାରୁ ଫେରି ଗୋପବନ୍ଧୁ ଦାସ ବାଲେଶ୍ୱର ଜିଲ୍ଲାର ନୀଳଗିରିଠାରେ ଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ।

ସେ ସର୍ବଦା ଜନତାଙ୍କ ସେବାରେ ନିଜକୁ ନିୟୋଜିତ କରୁଥିଲେ। ସେ ବହୁ ବାଧାବିଘ୍ନକୁ ସହ୍ୟ କରି ନିଜର ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହିତ ସ୍ୱାଧିନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିଲେ।

ଗୋପବନ୍ଧୁ ଦାସ ପୁରୀରେ ହଇଜା ରୋଗରେ ପୀଡ଼ିତ ଲୋକମାନଙ୍କର ସେବା ପାଇଁ ପୁରୀ ସେବା ସମିତି ପ୍ରତିଷ୍ଠା କରିଥିଲେ।ଏହି ସଂଗଠନର ସାଥୀମାନଙ୍କ ସହ ସେ ରୋଗୀସେବା, ପରିବେଶ ପରିଚ୍ଛନ୍ନ ଓ ଶବସଂସ୍କାର ଇତ୍ୟାଦି କାମ କରୁଥିଲେ।

ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତି କ୍ରମେ ତାଙ୍କ ନେତୃତ୍ୱରେ ପଞ୍ଚସଖା ମାନେ ମିଶି ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜ ତଳେ ୧୯୦୯ ମସିହା କୁମାରପୂର୍ଣ୍ଣିମା ତିଥିରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଏହା ପ୍ରଥମେ ୧୯ ଟି ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିଲା। ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା। ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା। ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ।

କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଗୋପବନ୍ଧୁଙ୍କ ସମେତ ଅନେକ ଓଡ଼ିଆ ନେତା ଆନ୍ଦୋଳନ ଆରମ୍ଭ କରିଥିଲେ। ସେ କର୍ତ୍ତବ୍ୟ ବୋଧିନୀ ସମିତି ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କରିଥିଲେ। ତାଙ୍କର ଆହ୍ୱାନ ଥିଲା 'ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତାହାର ଭାଷା। ଭାଷାହିଁ ଜାତିର ପ୍ରାଣସ୍ପନ୍ଦନ'। ସେ ଓ ରାମଚନ୍ଦ୍ର ଦାଶ ରମ୍ଭାଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପରିଚାଳନା କରିଥିଲେ।ସେ ୧୯୦୩ରେ ମଧୁସୂଦନ ଦାସଙ୍କଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭାବେ ଭାଗ ନେଇଥିଲେ।ଏହି ଆନ୍ଦୋଳନ କ୍ରମେ ତୀବ୍ର ହୋଇ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗକୁ ମୁହାଁଇଥିଲା।



ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିବା ସମୟରେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା। ୧୯୦୩ରେ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭାବେ ଭାଗ ନେଇ ଓଡ଼ିଆ ଭାଷା ଆନ୍ଦୋଳନରେ ଯୋଗଦାନ ସମୟରେ ତାଙ୍କର ପ୍ରଥମ ପୁତ୍ରଙ୍କର ମୃତ୍ୟୁ ଘଟିଥିଲା। କଲିକତାରେ ବିଏଲ ପଢୁଥିବା ବେଳେ ତାଙ୍କର ଦ୍ୱିତୀୟ ପୁତ୍ରଟିର ମଧ ମୃତ୍ୟୁ ଘଟିଥିଲା।ଏହା ପରେପରେ ସେ ବିଏଲ ପାସ କରିବା ଖବର ପାଇବା ଦିନ ତାଙ୍କ ପତ୍ନୀଙ୍କର ମଧ ମୃତ୍ୟୁ ହୋଇଥିଲା।

କଲିକତାରେ ବିଏଲ ପଢ଼ିବା ସମୟରେ ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ସହାୟତା ନିମନ୍ତେ ସେ 'ଓଡ଼ିଆ ଶ୍ରମିକ ସଂଘ' ଓ 'ସାନ୍ଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ।

ଓଡ଼ିଶା ଲୋକଙ୍କର ଦୁର୍ଦ୍ଦଶା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ଓ ଭାରତୀୟ ଜାତୀୟ କଂଗ୍ରେସର ଆଭିମୁଖ୍ୟ ପ୍ରଚାର ତଥା ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ସେ ୧୯୧୯ ଅକ୍ଟୋବର ମାସ ୪ ତାରିଖ ଦଶହରା ତିଥିରେ ସାପ୍ତାହିକ 'ସମାଜ' ଖବରକାଗଜ ପ୍ରକାଶ କରିଥିଲେ। ପ୍ରଥମେ ଏହା ୧୯୧୯ ମସିହାରେ ସତ୍ୟବାଦୀରୁ, ୧୯୨୪ ମସିହାରେ ପୁରୀରୁ ଓ ଶେଷରେ ୧୯୨୭ ମସିହାରେ କଟକରୁ ପ୍ରକାଶିତ ହେଉଥିଲା। ସମାଜର ପ୍ରଥମ ସମ୍ପାଦକୀୟରେ ସେ ସମାଜର ସକଳ ଶ୍ରେଣୀ ମାନବଙ୍କର ସ୍ନେହ, ପ୍ରୀତି ଓ ସଦିଚ୍ଛା କାମନାକରିଥିଲେ। ୧୯୩୦ରେ 'ସମାଜ' 'ସାପ୍ତାହିକରୁ ଦୈନିକ ଖବରକାଗଜରେ ପରିଣତ ହୋଇଥିଲା। ଲୋକମାନଙ୍କ ଉପରେ ପୁଲିସର ମାତ୍ରାଧିକ ବଳପ୍ରୟୋଗ ଓ ଇଂରେଜ ସରକାରଙ୍କ ଅବିଚାର ସମ୍ପର୍କରେ ସମାଜରେ ସମ୍ବାଦ ପ୍ରକାଶ କରିବା ପରେ ଇଂରେଜ ସରକାର ତାଙ୍କୁ ୧୯୨୨ ମସିହାରେ କାରାବନ୍ଧ କରିଥିଲେ।

କାରାଗାରରେ ଥିବା ବେଳେ ସେ 'କାରାକବିତା' ଓ 'ବନ୍ଦୀର ଆତ୍ମକଥା' ନାମରେ ଦୁଇଟି କାବ୍ୟଗ୍ରନ୍ଥ ରଚନା କରିଥିଲା।

ଏହାସହ ଅବକାଶ ଚିନ୍ତା (୧୮୯୯), ଧର୍ମପଦ, ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ, ଗୋମାହାତ୍ମ୍ୟ, ଓଡ଼ିଆର ଜାତୀୟତା (ପ୍ରବନ୍ଧ) ଆଦି ରଚ଼ନା କରିଥିଲେ।

୧୯୨୪ରେ ଜେଲରୁ ଖଲାସ ହେବାପରେ କଟକଠାରେ ଅନୁଷ୍ଠିତ ଏକ ବିଶାଳ ସମ୍ବର୍ଦ୍ଧନା ସଭାରେ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣି' ବୋଲି ସମ୍ବୋଧନ କରିଥିଲେ। ସେଠାରେ ଉପସ୍ଥିତ ଜନତା କରତାଳି ମାଧ୍ୟମରେ ଏହି ଉପାଧୀକୁ ସ୍ୱୀକୃତି ଦେଇଥିଲେ।

ଗୋପବନ୍ଧୁ ଦାସଙ୍କ ଦେଶସେବାରେ ଅବଦାନ ପାଇଁ ଲାଲା ଲାଜପତ ରାୟ ତାଙ୍କୁ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରୂପେ ଗ୍ରହଣକରିଥିଲେ। ପରେ ସେ ଏହି ଅନୁଷ୍ଠାନର ଉପାଧକ୍ଷ ଭାବରେ ମନୋନୀତ ହୋଇଥିଲେ।

ମଧୁସୂଦନ ଦାସଙ୍କ ପ୍ରେରଣାରୁ ସେ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନ ସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ। ୧୯୨୧ ମସିହାରେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧକ୍ଷ ହୋଇଥିଲେ।

୧୯୨୮ ମସିହାରେ ଲୋକସେବକ ମଣ୍ଡଳର ବୈଠକରେ ଯୋଗଦାନ କରିବା ପାଇଁ ଲାହୋର ଯିବା ବାଟରେ ସେ କଲିକତାଠାରେ ଆନ୍ତ୍ରିକ ଜ୍ୱରରେ ଆକ୍ରାନ୍ତ ହୋଇ ସତ୍ୟବାଦୀ ଫେରିଆସିଥିଲେ। ଏହାପରେ ଧୀରେଧୀରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିଥିଲା। ୧୯୨୮ ମସିହା ଜୁନ ୧୭ ତାରିଖ ରବିବାର ସନ୍ଧ୍ୟା ୭ଟା ୨୫ମିନିଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁର ଦୁଇ ଘଣ୍ଟା ଆଗରୁ ସେ ନିଜ ଇଚ୍ଛାପତ୍ରରେ ସମାଜ ଓ ସତ୍ୟବାଦୀ ପ୍ରେସର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିଥିଲେ।ତାଙ୍କର ତ୍ୟାଗ, ନିଷ୍ଠା, ବାଗ୍ମୀତା, ସେବା, ବଳିଷ୍ଠ ବ୍ୟକ୍ତିତ୍ୱ, ଅମଳିନ ପ୍ରତିଭା, ନୈତିକ ମୂଲ୍ୟ ବୋଧ ପାଇଁ ସେ ପ୍ରତି ହୃଦୟରେ ବିରାଜିତ। ସେ ମରି ମଧ ଅମର।ସେ ଉତ୍କଳ ର ମଣି ଏବଂ ଯାଜ୍ଜ୍ୱଲ୍ୟମାନ ତାରକା। ସେହି ମହାପୁରୁଷ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଓ ଶତ ଶତ ପ୍ରଣାମ।

# ଆମ ରାଜ୍ୟରେ ପିଲାମାନେ ଇଞ୍ଜିନିୟର ହେବାକୁ କାହିଁକି ଚାହୁଁନାହାନ୍ତି ?

## ସୁବ୍ରତ କର



ଏହା ପାଇଁ ଦାୟୀ କିଏ? ପିଲାମାନେ, ମା, ବାପା ନା ସରକାରୀ ନିଜେ? ମୋ ମତରେ ପ୍ରଥମେ ସରକାର ପରେ ପିଲାମାନେ। ଏତେ ବର୍ଷ ପାଠ ପଢ଼ିବା ପରେ ଚାକିରୀ କାହିଁ? ସରକାର ଚାକିରୀ ଯୋଗାଇ ପାରୁ ନାହାନ୍ତି ଏବଂ ଯଦି ପିଲାମାନେ ନିଜ ନିଜ ଚେଷ୍ଟାରେ ବେ ସରକାରୀ ସଂସ୍ଥାରେ ଚାକିରୀ ଗୋଟାଏ ଯୋଗାଡ଼ କରିଲେ ଦରମା ଖୁବ୍ ଜୋରରେ ମାସକୁ ୮୦୦୦ ଟଙ୍କା ଏବଂ ଏହି ପିଲା ରାଜ୍ୟ ବ୍ୟବହାରକୁ ଗଲେ (ବମ୍ବେ, ବାଙ୍ଗାଲୋର) ଖୁବ୍ ଜୋର ୧୫୦୦୦ ଠାରୁ ୨୦୦୦୦ ଟଙ୍କା ଭିତରେ। ୫ ବର୍ଷ ପାଖାପାଖି ପାଠ ପଢ଼ି ସାରିଲା ପରେ ଏହି ଟଙ୍କାରେ ଚଳି ହେବ କି? ନିଜେ ଚଳିବା କଷ୍ଟ ଘରକୁ ମା ବାପାଙ୍କୁ ଦେବେ କଣ? ଏବେ ଦେଖିବା ଆମ ଇଞ୍ଜିନିୟର ଏବଂ ଇଞ୍ଜିନିୟରିଂ କଲେଜ ମାନଙ୍କର ଅବସ୍ଥା କେଉ ଅବସ୍ଥାରେ ଅଛି। ରାଜ୍ୟରେ ସର୍ବମୋଟ ଆସନ (ସିଟ୍) ସଂଖ୍ୟା ହେଉଛି ୪୦୦୦ ଏବଂ ସମସ୍ତ ପ୍ରକାରର ଏଡମିଶନ୍ ସରିଲା ପରେ ମୋଟ୍ ୧୬୦୦୦ ସିଟ୍ ପୁରଣ ହୋଇପାରିଛି ଏବଂ ପ୍ରାୟ ୭୦% ଭାଗ ସିଟ୍ ଖାଲି ପଡ଼ିଛି। ତଥାପି କହିହେବ ସରକାରୀ କଲେଜ ମାନଙ୍କରେ ପ୍ରାୟ ୯୦ ଭାଗ ସିଟ ପୁରଣ ହୋଇ ପାରିଛି। ସରକାରଙ୍କ ତରଫରୁ ଏହି ପାଠ୍ୟକ୍ରମ ପାଇଁ ବହୁତ ପ୍ରକାରର ପ୍ରୋତ୍ସାହନର ବ୍ୟବସ୍ଥା ରହିଛି। ଏହାର କିନ୍ତୁ କୌଣସି ସୁଫଳ ମିଳିପାରୁ ନାହିଁ। ପ୍ରତିବର୍ଷ ଯଦି ୪୦୦୦୦ ଇଞ୍ଜିନିୟର ବାହାରନ୍ତି ଏମାନଙ୍କ ପାଇଁ ସରକାରୀ ହେଉ ବା ବେସରକାରୀ ଚାକିରୀ ରହିଲେ ତ ହେବ? ଏହି ପାଠ୍ୟକ୍ରମ ପରେ ଇଂଜିନିୟରିଂ ସ୍କୁଲରେ (ଡିପ୍ଲୋମା) ନାମ ଲେଖେଇ ପାଠ ପଢ଼ିପାରିବ ଏବଂ ଏହାପରେ ବିଟେକ୍ ପାଠ୍ୟକ୍ରମରେ ନାମ ଲେଖେଇ ପୁରା ଇଂଜିନିୟର ହୋଇ ପାରିବ ଏବଂ ବହୁତ ପିଲା ହେଉଛନ୍ତି ମଧ୍ୟ। ଏହି ପ୍ରକାରର ସୁବିଧା ମଧ କାମ ଦେଇପାରୁ ନାହିଁ। ଗୋଟାଏ ସମୟ କଥା ମା, ବାପାମାନେ ପିଲାଙ୍କୁ ଇଂଜିନିୟର କରିବା ପାଇ ପାଗଳ ହେଉଥିଲେ କିନ୍ତୁ ଏବେ ସେ ଯୁଗ ଆଉ ନାହିଁ। ଏହା ପାଇଁ ସମ୍ପୂର୍ଣ୍ଣ ଭାବରେ ସରକାର ଦାୟୀ। କାରଣ ରାଜ୍ୟରେ ଇଂଜିନିୟର ଆବଶ୍ୟକ ଥିଲାବେଳେ ବେସରକାରୀ ଭାବରେ ଗୋଡ଼ାଏ ଇଂଜିନିୟରିଂ କଲେଜ ଖୋଲିବା ପାଇଁ ଅନୁମତି ଦେଇଦେଲେ। ଭବିଷ୍ୟତରେ କେତେ ଇଂଜିନିୟର ରାଜ୍ୟ ପାଇଁ ଦରକାର ବା କେତେ ପିଲା ରାଜ୍ୟ ବାହାରକୁ ଯାଇ ପାରିବେ ସେ ସବୁ ବିଷୟରେ କିଛି ପ୍ରକାରର ଆବଶ୍ୟକତା କରିଲେ ନାହିଁ। ମୋଟାମୋଟି କହିଲେ ହେବ ଯେ ଆମର କିଛି କେଉଁଥିରେ ପ୍ଲାନ କରାହେଉ ନାହିଁ। ରାଜ୍ୟରେ କେଉଁ ବିଭାଗରେ କେତେ ମେ ପାୱାରର ଆବଶ୍ୟକତା ଅଛି କେବେ ଆକଳନ କରନ୍ତିାହିଁ। ନାମ ମାତ୍ରରେ ପ୍ଲାନିଂ ବୋର୍ଡ ଅଛି ତାହାର ବି ଅଧକ୍ଷ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନିଜେ ଏବଂ ମୋର ଜାଣିବାରେ ବର୍ଷକ ଥରେ ବା ଦୁଇଥର ପ୍ଲାନିଂ ବୋର୍ଡର ମିଟିଂ ବସେ। ସରକାର କଲେଜ ଖୋଲି ଦେଇ ଚୁପ୍‌ଚାପ୍ ବସି ପଡ଼ନ୍ତି। ସରକାର ପିଲାମାନଙ୍କୁ ନିଜ ଭାଗ୍ୟ ଉପରେ ଛାଡ଼ି ଦିଅନ୍ତି। ଆମ ପିଲାମାନେ ବାଙ୍ଗାଲୋର, ହାଇଦ୍ରାବାଦ, ବମ୍ବେ, ପ୍ରଭୃତି ସହରକୁ ପଳାନ୍ତି। ଏଥିରେ ସରକାର ଲିତ ହେବା ଦରକାର ନୁହଁ କି?

## କବିତା କୋଣାର୍କ

### ଏତିକି ମାଗୁଣି ମୋର...

**ରାମଚନ୍ଦ୍ର ବେହେରା**

ଆହେ ଲୀଳାମୟ ଶ୍ରୀକ୍ଷେତ୍ର ବିହାରୀ
ମୋ ପ୍ରାଣ ଆଜି ବ୍ୟାକୁଳ
ତବ କୃପା ବଳେ ବଡଦାଣ୍ଡେ ଆଜି
ନାଚେ ମୋ ପଦଯୁଗଳ।

ବଡଦାଣ୍ଡ ଧୂଳି ମଥାରେ ମୁଁ ବୋଳି
ଆଗକୁ ବଢିଲି ଧୀରେ
ତବ ନାମ ଧ୍ୟାୟୀ ହାତ ଗୋଡ ଧୋଇ
ପ୍ରବେଶିଲି ତୋ ମନ୍ଦିରେ।

ପତିତପାବନ ଦ୍ୱାରରୁ ଦେଖିଲି
ଲୋତକ ପଡିଲା ଝରି
ବାଇସି ପାହାଚ ଆସନ୍ତେ ସାଆନ୍ତ
ଖୁସିରେ ଗଲି ମୁଁ ଗଡି।

ଗରୁଡ ଖମ୍ବକୁ ଶ୍ରଦ୍ଧାରେ ଛୁଇଁଲି
ଆତ୍ମାକୁ ମିଳିଲା ଶାନ୍ତି
ଦୁଇ ପାଦ ମୋର ଆଗକୁ ବଢିଲା
ଦେଖିବାକୁ ତୋ ମୂରତି।
କୋଟିଏ କନ୍ଦର୍ପ ହେବେ ନାହିଁ ସରି
ତୋ ରୂପ ଲାବଣ୍ୟ ଆଗେ
ସଂସାରରେ ସାର ତୁ କଳା ଠାକୁର
ତୋର ଆଶୀର୍ବାଦ ମାଗେ।

ଚରଣେ ତୁମର ଶରଣ ସାଆନ୍ତେ
ମାଗେ ତୁମ କୃପା ବାରି
ମୋ କର୍ମ ପଥକୁ ଆଲୋକିତ କର
ଧର୍ମରେ ବହୁ ମୋ ତରୀ।

ପ୍ରଶଂସା ମୋହର ଲୋଡା ନାହିଁ ପ୍ରଭୁ
ନିନ୍ଦାରେ କଟୁ ଜୀବନ
ସବୁରି ଓଠରେ ହସ ଶୋଭାପାଉ
ଏତିକି ମୋ ନିବେଦନ।

ମାରିବା ତାରିବା ତୁମ ହାତେ ପ୍ରଭୁ
ଜଗତ କଲ୍ୟାଣ କର
ମୋ କାରଣେ କାହା ଲୋତକ
ନଝରୁ
ଏତିକି ମାଗୁଣି ମୋର।

ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

### ହାଟ

**ଅକ୍ଷୟ କୁମାର ରାଉତ**

ମୁଣ୍ଡର କେଶ ସବୁ ଝୋଟ ପାଲଟି ଗଲାଣି
ଧଳା ଦାଢ଼ି ସବୁ ଚିକ୍ ଚିକ୍ ମାରୁଥାଏ
ଧଳା ରଙ୍ଗର ଧୋତି ବେରଙ୍ଗ ପ୍ରତୀତ ହେଉଥାଏ
କାନ୍ଧରେ ମଇଳା ଗାମୁଛା
ହାଟ ଶେଷ ମୁଣ୍ଡରେ
ଗୋଟେ ପୁରୁଣା ଅଖା ଉପରେ
କେତୋଟି ଶାଗ ବିଡା ଥୋଇ ବସିଥିବା
ସେଇ ବୃଦ୍ଧ ଜଣକ ଚାହିଁ ରହିଥାଏ
ଗରାଖଙ୍କ ଯିବା ଆସିବା ବାଟକୁ
ଜଣେ କେହି ତା ପାଖରେ ଅଟକି ଗଲେ
ତତ୍ପର ହୋଇଉଠେ ସେ
କାଳେ ବାବୁ ଜଣକ ଶାଗ ବିଡ଼ାଏ କିଣି ନେବେ କି!

କିଏ ଦାମ୍ ପଚାରି ଚାଲିଯାଏ
କିଏ ଟଙ୍କା ପାଞ୍ଚଟା ଦେଇ ଶାଗ ବିଡ଼ାଏ ନିଏ
କିଛି ଲୋକେ ଫୁସୁରଫାସର ହୁଅନ୍ତି
'ଏ ବୁଢ଼ା ବୟସରେ ବି ଲୋଭ
ମଶାଣିକୁ ନେଇ ଯିବ ବୋଧେ !'
କିଏ ପୁଣି ବୃଦ୍ଧଙ୍କ ପ୍ରତି ସମବେଦନା ପ୍ରକଟ କରନ୍ତି
'ବୋଧହୁଏ ଘର ପରିସ୍ଥିତି ଖରାପ ଥାଇପାରେ'
କାହା କଥାକୁ ଦେହକୁ ନିଏନି ସେ
ମଶାଣି ନ ଯିବା ଯାଏ
ପେଟର ଜ୍ୱାଳା କଣ ସରେ କି !
ଆସିବାଟା ସିନା ଅନୁମାନ କରିହୁଏ
ହେଲେ ଜିବାଟା ଅନୁମାନ କରିବା ଅସମ୍ଭବ
କେତେବେଳେ ବି ଡାକରା ଆସିପାରେ ଆରପାରି ରୁ
ସେ ଯାଏ ବଞ୍ଚିବାକୁ ତ ପଡ଼ିବ ।

ଆଗମନ ସର୍ବଦା ଆନନ୍ଦଦାୟକ
ହେଲେ ପ୍ରସ୍ଥାନ !
ନୂଆ ଅତିଥି ଟିଏ ଘରକୁ ଆସିଲେ
ସଭିଏଁ ହସ ଖୁସିରେ ପାଗଳ ହୋଇଯାଆନ୍ତି
ହେଲେ ଯିଏ ସତୁରି ବର୍ଷରୁ ଘରେ ଅଛି
ତାକୁ ସମସ୍ତେ ଭୁଲି ଜାଆନ୍ତି
ଏ ସବୁ ତାର ଦିହଘଷା ହୋଇଗଲାଣି
ସେ କେବେ ମନ ଦୁଃଖ କରେନି
ନିଜର କର୍ମ ଫଳ ଭାବି
ମନକୁ ବୁଝାଇ ଦିଏ ।

ପତ୍ନୀ ଥିଲା ବେଳେ ରାଣ ଦେଇଥିଲା
ପୁଅ ବୋହୂଙ୍କୁ ଏକୁଟିଆ ଛାଡ଼ି ନ ଯିବାକୁ
ହେଲେ ଆଜି ପୁଅ ବୋହୂ ତାକୁ ଛାଡ଼ି ଅନେକ
ଦୂରରେ
ଆଜିକାଲି ଗାଁରେ କିଏ ରହିବାକୁ ଚାହୁଁଛି !
ସମସ୍ତେ ସହର ମୁହାଁ
କେଇଟା ପାଚିଲା ବୁଢ଼ା,ବୁଢ଼ୀ
ପଡ଼ି ରହିଛନ୍ତି କର୍ମକୁ ଆଦରି ।
ମରିବା ପୂର୍ବରୁ ପତ୍ନୀ କହି ଯାଇଥିଲା
ତା ଶବକୁ ବାଡ଼ି ପଟେ ସମାଧି ଦେବାକୁ
ହେଲେ ପୁଅ ବୋହୂ ମନା କଲେ
ତାଙ୍କୁ କାଳେ ଡର ଲାଗିବ
ବୋଉ କୁ ପୁଣି ଡର ! ।

ଜୀବନରେ ଅବଶୋଷ ରହିଗଲା
ପତ୍ନୀର କଥା ରଖି ପାରିଲା ନାହିଁ
ନା ପୁଅ ବୋହୂଙ୍କ ସାଥିରେ ରହି ପାରିଲା
ନା ତା ପାଇଁ ବାଡି ପଟେ ସମାଧି କରି ପାରିଲା
ତା ବୟସର ସମସ୍ତେ ଚାଲିଗଲେଣି
ଏ ଥର ତାର ପାଳି
ମୃତ୍ୟୁର ବିଭୀଷିକାଠୁ
ଜିଇଁବାର ଯନ୍ତ୍ରଣା ଯେ ଅଧିକ ପିଡ଼ାଦାୟୀ
ଏକଥାକୁ ଅସ୍ୱୀକାର କରି ହେବ ନାହିଁ
ତଥାପି ତାକୁ
ଜୀବନ ହାଟରେ ଏମିତି ବିକିବାକୁ ହେବ
ବୟସ ସଉଦା ଶେଷ ଯାଏ
ଏକା ଏକା...।

ବାଳକାଟି, ଆଳି,
କେନ୍ଦ୍ରାପଡା

### ତୁମ କୃପାଦୃଷ୍ଟି ଥାଉ

**ସନ୍ତୋଷ କୁମାର ଅଦାବର**

ଦୁଇହାତ ପାତି ମାଗିନାହିଁ ପ୍ରଭୁ
ଦେଇଛ ଆଞ୍ଜୁଳା ଭରି,
ଶେଷ ଜୀବନ ମୋ ବିତିଯାଉ ନିତି
ତୁମ ନାମ ଜପ କରି।

କିଛି ଆଣିନାହିଁ କିଛି ନେବି ନାହିଁ
ସବୁ ତୁମ ଜିମାଦେଲି,
ଦେଇଥିଲ ଯାହା ରଖିବ ସମ୍ଭାଳି
କହୁଛି ଅନ୍ତରୁ ଖୋଲି।

ଚାଲିବାକୁ ଅଛି ଆଉ କେତେ ପଥ
ଜଣାନାହିଁ ମୋତେ ପ୍ରଭୁ,
ଯେଉଁଦିନ ଯିବ ଦେହରୁ ଜୀବନ
ଅଲୋଡ଼ା ହେବ ତ ସବୁ।

ଯେପର୍ଯ୍ୟନ୍ତ ଅଛି ଆୟୁଷ ମୋହର
ତୁମ କୃପାଦୃଷ୍ଟି ଥାଉ,
ତୁମ ମୁଖ ଚାହିଁ ତୁମ ନାମ ଜପି
ଶେଷରେ ଜୀବନ ଯାଉ ।

କୋଅପରେଟିଭି କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ସତ୍ୟବାଦୀର ସନ୍ଥ



ମୀରା ବେଉରା



ଗ୍ରୀକ୍ ଦାର୍ଶନିକ ଦାଓଜିନ୍ସ ଦିବାଲୋକରେ ଲଣ୍ଠନଟିଏ ଧରି ବୁଲୁଥିବାରୁ ଏଥେନ୍ସର ନାଗରିକମାନେ ପ୍ରଶ୍ନ କରିଥିଲେ ଦାର୍ଶନିକଙ୍କୁ, ଠିକ୍ ସେହି ସମୟରେ ଦାଓଜିନ୍ସ କହିଥିଲେ ମୁଁ ମଣିଷ ଖୋଜୁଛି ମଣିଷ ଖୋଜୁଛି। ପ୍ରକୃତରେ ଆଜି ମଣିଷ କାହାନ୍ତି ଏହା ଏକ ବିରାଟ ପ୍ରଶ୍ନବାଚୀ। ସମଗ୍ର ପୃଥିବୀରେ ଆଜି ଯେତେବେଳେ ମାନବିକ ମୂଲ୍ୟବୋଧ ହଜିହଜି ଯାଉଛି, ପ୍ରକୃତିର କୋପରେ ହେଉଥିବା ମଣିଷମାନଙ୍କର ଆତ୍ମଘାତି ଚିନ୍ତାଦ୍ୱାରା ହେଉ ମଣିଷ ଯେତେବେଳେ ଭୟଭୀତ ହୋଇ ଜୀବନଜୀବିକାକୁ ନେଇ ନିଇତି ସଂଘର୍ଷ କରୁଛି ହସିହସି ସବୁ ଦୁଃଖ ଯନ୍ତ୍ରଣାକୁ ଏକାଠି କରି ଅଣ୍ଟାଭିଡୁଛି ନିଜକୁ ଓ ନିଜ ପରିବାରକୁ ଦେଶକୁ ବଞ୍ଚାଇବା ପାଇଁ। ଆଜି ଠିକ୍ ସେହି ସଂକଟପୂର୍ଣ୍ଣ ଘଡ଼ିସନ୍ଧି ମୁହୂର୍ତ୍ତରେ ମନେପଡ଼େ ଦରଦୀ ହୃଦୟର ମଣିଷ ଗୋପବନ୍ଧୁଙ୍କ କଥା ପ୍ରକୃତରେ ସେ ହିଁ ଥିଲେ ଶତାବ୍ଦୀର ଶ୍ରେଷ୍ଠ ମଣିଷ ଉତ୍କଳର ମଣି। ଭାବିଲେ ଲୁହ ଆଖିରେ ଆପେ ଆପେ ଆସିଯାଏ। ବିଶ୍ୱାସ ନହେଲେ ବି ସତ ଏହି ଧରାପୃଷ୍ଠରେ ପୁଣି ଏମିତି ରକ୍ତମାଂସ ଶରୀର ଧରି ଦେବତା ଆତ୍ମା ନେଇ ଜନ୍ମିଥିଲେ ସତ୍ୟବାଦୀର ସନ୍ଥ ମାନବବାଦର ଆଲୋକସ୍ତମ୍ଭ ଉତ୍କଳମଣି ଗୋପବନ୍ଧୁ ଦାସ। ଭାର୍ଗବୀ ନଦୀକୂଳରେ ସାଥୀମାନଙ୍କ ସହ କି ସଂକଳ୍ପ କରିଥିଲେ ସେ। ଜୀବନର ପ୍ରତିଟି ପାହାଚରେ ନିଜ ସୁଖ ସ୍ୱାଚ୍ଛନ୍ଦକୁ ବଳି ପକାଇ ସ୍ୱାର୍ଥକୁ ଜଳାଳି ଦେଇ ପ୍ରତିଟି ଉତ୍କଳୀୟଙ୍କର ସୁଖ ସୁବିଧା ପାଇଁ ସର୍ବଦା ବିଳାପ କରୁଥିଲା ତାଙ୍କ ହୃଦୟ।

‘କାପୁରୁଷ ଧରି ମରିବା ଜଗତେ
ନୁହେଁ ନର ପଉରୁଷ
ପରହିତ ସାଧି ମରେ ଯେ ମହୀରେ
ସେହି ଏକା ସୁପୁରୁଷ।’

ଏହି ଉକ୍ତିର ହିଁ ଯଥାର୍ଥ ଘଟିଛି ତାଙ୍କ ଜୀବନରେ ଦୁଃଖି, ଦରିଦ୍ର, ଅସହାୟ, ନିକ୍ଷେଷିତ, ନିର୍ଯାତିତ ଦୁର୍ଗତିକୁ ଦେଖି ପ୍ରାଣସ୍ପନ୍ଦିତ ହୋଇ ତାଙ୍କ ଆଖିରୁ କେବଳ ଲୁହ ତ ବୋହୁ ନଥିଲା, ନିଃସ୍ୱାର୍ଥପର ଭଲ ପାଇବା, ସମ୍ବେଦନଶୀଳତାର ଲହୁ ଏକାଠି ହୋଇ ଝରି ଆସୁଥିଲା ସେହି ମହାମାନବଙ୍କ ପ୍ରାଣରୁ। ବାସ୍ତବରେ ସେହିଁ ଥିଲେ ଏ ଓଡ଼ିଆ ଜାତିର ଏ ଉତ୍କଳ ମାଟିର ବିଶ୍ୱଚେତନାରେ ଉଦ୍‌ବୁଦ୍ଧ ହୋଇଥିବା, ଗାନ୍ଧିବାଦର ବାର୍ତ୍ତାବହ ସାଜିଥିବା ମୁକୁଟବିହୀନ ସମ୍ରାଟ। ଜଣେ ଆଦର୍ଶ ଶିକ୍ଷାବିଦ୍, ମହାନ୍ ଚିନ୍ତାନାୟକ ଜନସେବକ, ସତ୍ୟବାଦୀର ସନ୍ଥ ଏବଂ ପ୍ରତିଟି ଓଡ଼ିଆର ହୃଦୟରେ ଜାତୀୟତାର ସ୍ପନ୍ଦନ ସୃଷ୍ଟି କରିପାରୁଥିବା କବି, ଆଧ୍ୟାତ୍ମିକ, ନୈତିକ ଶିକ୍ଷାର ପ୍ରାଣକେନ୍ଦ୍ର ଆଦର୍ଶ ସତ୍ୟବାଦୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଏବଂ ଘରେଘରେ ପ୍ରତିଟି ଓଡ଼ିଆ ପ୍ରାଣକୁ ଛୁଇଁପାରୁଥିବା ସମ୍ବାଦପତ୍ର ’ସମାଜ’ର ପ୍ରାଣ ପ୍ରତିଷ୍ଠାତା। କେବଳ ସେତିକି ନୁହେଁ ସେଥିଲେ ଜଣେ ସୁସଂଗଠକ, ପ୍ରଚଣ୍ଡ ଜ୍ଞାନଦୀପ୍ତ ବାଗ୍ମୀ, ମାନବବାଦୀ ଚିନ୍ତାଧାରାର ଗୋଟିଏ ଆଲୋକବର୍ତ୍ତିକା। ସର୍ବୋପରି ପ୍ରତିଟି ଉତ୍କଳୀୟଙ୍କର ଆପଣାର ବନ୍ଧୁ। ଘୋର ଦୁର୍ଦ୍ଦିନ ଦେଇ ଯେତେବେଳେ ଓଡ଼ିଶା ଗତି କରୁଥିଲା, ପଛୁଆ ଓଡ଼ିଶାକୁ ବିଶ୍ୱ ଦରବାରରେ ସମୃଦ୍ଧ କରି ସ୍ୱତନ୍ତ୍ରଭାବେ ପ୍ରତିଷ୍ଠା କରି ବିକାଶର ସ୍ରୋତରେ ସାମିଲ କରିବା ପାଇଁ ଏବଂ ଗୋଟିଏ ଆତ୍ମନିର୍ଭରଶୀଳ ରାଜ୍ୟରେ ଗଢ଼ିତୋଳିବାର ସଂକଳ୍ପ ନେଇ ଏହି ମହାମାନବ ପ୍ରତିଶ୍ରୁତିବଦ୍ଧ ଥିଲେ। ଆଜି ଯେତେବେଳେ ଲକ୍ଷ ଲକ୍ଷ ଶ୍ରମିକ ପୁଁପତିମାନଙ୍କର କୁଟଚକ୍ରାନ୍ତର ଶୀକାର ହୋଇ ନିଜର ଜୀବିକା ହରାଇ ଦୁଃଖଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ମନେପଡ଼େ ଗୋପବନ୍ଧୁଙ୍କ କଥା। କଲିକତାରେ ଯେତେବଳେ ଶହ ଶହ ଓଡ଼ିଆ ଶ୍ରମିକ କଲିକତାବାସୀଙ୍କ ଦ୍ୱାରା ନିର୍ଯାତିତ ହୋଇ ଲାଞ୍ଛିତ ହୋଇ ଦୁଇମୁଠା ଖାଇବାକୁ ବି ପାଉନଥିଲେ, ସାଧାରଣ ଶିକ୍ଷାରୁ ବଞ୍ଚିତ ହୋଇ ଅସ୍ୱାସ୍ଥ୍ୟକର ପରିବେଶରେ ରହି ନିର୍ଯାତନାର ଶୀକାର ହେଉଥିଲେ, ଠିକ୍ ସେତିକିବେଳେ ଗୋପବନ୍ଧୁ ଓଡ଼ିଆ ଶ୍ରମିକମାନଙ୍କ ପାଇଁ ନ୍ତଓଡ଼ିଆ ଶ୍ରମିକ ସଂଘନ୍ତ ଗଠନ କରି ଓଡ଼ିଆ ଶ୍ରମିକମାନଙ୍କୁ ଶିଳ୍ପପତିମାନଙ୍କଠାରୁ ଉଦ୍ଧାର କରିଥିଲେ। ଏହି ଶ୍ରମିକମାନଙ୍କୁ ଶିକ୍ଷା ଦେବା ପାଇଁ ଗୋପବନ୍ଧୁ କଲିକତାଠାରେ ନ୍ତସାନ୍ଧ୍ୟ ବିଦ୍ୟାଳୟନ୍ତ ପ୍ରତିଷ୍ଠା କରିଥିଲେ। କେବଳ ସେହି ଘଟଣା ନୁହେଁ ପୁରୀରେ ରଥଯାତ୍ରା ସମୟରେ ଯେତେବେଳେ ମହାମାରୀ ହଇଜାଦ୍ୱାରା ସମସ୍ତେ ଆକ୍ରାନ୍ତ ହୋଇ ପରିବେଶ ଦୂଷିତ ହୋଇଥିଲା, ଗୋପବନ୍ଧୁ ଏହାର ନିରାକରଣ ପାଇଁ ସ୍ୱେଚ୍ଛାସେବୀଙ୍କୁ ନେଇ ପୁରୀସେବା ସମିତି ଗଠନ କରି ରୋଗୀମାନଙ୍କ ସେବା କରିଥିଲେ ଏବଂ ଶବ ସଂସ୍କାର କରି ପରିବେଶକୁ ସୁନ୍ଦର କରି ଗଢ଼ିତୋଳି ପ୍ରମାଣ କରିଥିଲେ ଯେ, ନ୍ତମାନବ ସେବା ହିଁ ମାଧବ ସେବାନ୍ତ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ଗଢ଼ିଥିଲେ ନ୍ତକର୍ତ୍ତବ୍ୟ ବୋଧିନୀ ସମିତିନ୍ତ। ସେ ବୁଝିପାରିଥିଲେ ଯେ ନିଜର ଭାଷା ସୁରକ୍ଷା ବିନା ଏ ଜାତି ପ୍ରଗତି ଅସମ୍ଭବ। ନିଜର ପରିବାର ମୋହରେ ନ ପଡ଼ି ଯଦି କିଏ ଏକ ନିଜ ପୁତ୍ରକୁ ରୋଗଶଯ୍ୟାରେ ମୁମୂର୍ଷୁ ଅବସ୍ଥାରେ ଛାଡ଼ି ବନ୍ୟା ପ୍ରପୀଡ଼ିତଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ସେ ହେଉଛନ୍ତି ଗୋପବନ୍ଧୁ। ଏ ଜାତି ତାଙ୍କର ମାନବବାଦୀ ଚିନ୍ତାଧାରାକୁ କେବେ ଭୁଲିବ ନାହିଁ। ତାଙ୍କର ତ୍ୟାଗ, ନିଷ୍ଠା, ସାଧନା, ଜାତୀୟଚେତନା, ଆପ୍ରାଣ ଚେଷ୍ଟା, ଦୃଢ଼ସଂକଳ୍ପ ସତରେ ସମଗ୍ର ବିଶ୍ୱରେ ଏକ ବିସ୍ମୟ ସୃଷ୍ଟି କରିଥିଲା। ଗୋପବନ୍ଧୁ ୧୯୦୯ ମସିହାରେ ମୁକ୍ତାକାଶ ତଳେ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ଓ ପଣ୍ଡିତ ଗୋଦାବରୀଶଙ୍କୁ ନେଇ ସାକ୍ଷିଗୋପାଳଠାରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେ ବୁଝିଥିଲେ ଯେ, ଚଉକି, ଟେବୁଲ, ଉତ୍ତମ ଗୃହ ଆଦି ଉପରକଣ ଦ୍ୱାରା ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ସମ୍ଭବ ନୁହେଁ। ଆଦର୍ଶ ଶିକ୍ଷକ ସମାଜ ହିଁ ବିଦ୍ୟାଳୟର ପ୍ରକୃତ ମାନଦଣ୍ଡ। ଏହି ବନବିଦ୍ୟାଳୟ କେବଳ ଓଡ଼ିଶା କି ଭାରତବର୍ଷ ନୁହେଁ ଇଂଲଣ୍ଡବାସୀଙ୍କ ଦୃଷ୍ଟି ମଧ ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲା। ଏହା ବାସ୍ତବରେ ଥିଲା ମଣିଷ ତିଆରି କାରଖାନା। ଏହି ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ଗୋପବନ୍ଧୁ ଦୁର୍ଭିକ୍ଷ ପ୍ରପୀଡ଼ିତ ଏବଂ ବନ୍ୟା ପ୍ରପୀଡ଼ିତ କଂକାଳସାର ଉତ୍କଳର ପ୍ରତିଟି ଲୋକଙ୍କୁ ଚୁଡ଼ା, ଚାଉଳ ବାଣ୍ଟୁଥିଲେ। ସେ ଯେତେବେଳେ ଓଡ଼ିଶା ବିହାର ବିଧାନସଭାର ସଦସ୍ୟ ଥିଲେ ଇଂରେଜ ସରକାରଙ୍କ କୂଟଚକ୍ରାନ୍ତର ଶୀକାର ହୋଇଥିଲା ଓଡ଼ିଶା। ଗୋପବନ୍ଧୁ ନିର୍ଭିକ ସଂଗ୍ରାମ କରି ଏହି ଦୁର୍ଦ୍ଦିନକୁ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ଇଂରେଜାମନଙ୍କୁ ବିରୋଧ କରି ଖାଦ୍ୟାଭାବରେ ଲୋକେ କିପରି ଘାସ, ପତ୍ର, କୁଣ୍ଡା, ଟାକୁଆକୁ ଖାଦ୍ୟରୂପେ ଗ୍ରହଣ କରୁଛନ୍ତି କହି ବିଧାନସଭାରେ ଭୋ ଭୋ କାନ୍ଦି ପକାଇଥିଲା। ଏହା ହିଁ ଥିଲା ପ୍ରତିଟି ଓଡ଼ିଆଙ୍କୁ ପ୍ରାଣଭରି ଭଲପାଇବାର ବଳିଷ୍ଠ ପ୍ରମାଣ। ସେଇଥିପାଇଁ ସେ ମୟୁରଭ ମହାରାଜା ରାମଚନ୍ଦ୍ର ଭଦେଓଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଆଉ ସେହି ମାନପତ୍ରରେ ଲେଖାଥିଲା ଇଂରାଜୀରେ, ନ୍ତଝସକ୍ୱ ଏକ୍ଟକ୍ତ୍ରବଭବଭୟଷଙ୍କ ଉବଙ୍ଗ ସଙ୍ଗ ବ ଜ୍ଞବଭନ୍ତ ପ୍ରକୃତରେ ଗୋପବନ୍ଧୁ ଦାସ ଥିଲେ ମଣିଷପରି ମଣିଷଟିଏ। ନିଜର ଆପ୍ରାଣ ଉଦ୍ୟମ, ଚେଷ୍ଟା ଓ ଦୃଢ଼ ସଂକଳ୍ପଦ୍ୱାରା ସେ ଘୋର ଦୁର୍ଦ୍ଦିନ ସମୟରେ ମଧ ପତ୍ରିକା ସମାଜକୁ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ। ଯେଉଁ ସମ୍ବାଦପତ୍ର କି ଲୋକଙ୍କର ମୁଖପତ୍ର ବା ଅଭାବ ଅସୁବିଧାର ଜନତାମାନଙ୍କର ସ୍ୱର ହୋଇନି ବରଂ ଲକ୍ଷଲକ୍ଷ କୋଟିକୋଟି ଦୁର୍ଗତ, ରୋଗୀ, ଦୁଃଖୀ, ଯନ୍ତ୍ରଣାଜର୍ଜରିତ, ବନ୍ୟା, ବାତ୍ୟା, ଅଗ୍ନିପୋଡ଼ି ପ୍ରପୀଡ଼ିତ ଲୋକମାନଙ୍କ ପାଇଁ ସାହାଯ୍ୟ, ସହଯୋଗର ହାତବଢ଼ାଇ ପ୍ରତିଟି ଓଡ଼ିଆ ମୁହଁରେ ଖାଦ୍ୟ, ସେବା, ଆରୋଗ୍ୟ ଯୋଗାଇ ହସଫୁଟାଇ ଲୁହ ପୋଛିପାରିବାକୁ ସକ୍ଷମ ହୋଇଛି। ସମଗ୍ର ବିଶ୍ୱରେ ଏପରି କୌଣସି ସମ୍ବାଦପତ୍ର ନାହିଁ ଯାହା ନିର୍ଭିକ ଏବଂ ନିରପେକ୍ଷକୁ ଅବଲମ୍ବନ କରି ଲୋକମାନଙ୍କ ସ୍ୱର ହୋଇ ମୁଖପତ୍ର ସାଜି ସେମାନଙ୍କର ସୁଖଦୁଃଖର ସାଥୀ ସାଜି ବନ୍ଧୁ ସାଜି ବିପଦରେ ସହଯୋଗର ହାତବଢ଼ାଇ ଠିଆ ହୋଇଛି। ଅନେକ ପ୍ରତିକୂଳ ପରିସ୍ଥିତି ଏବଂ ବୈପ୍ଳବିକ ପରିବର୍ତ୍ତନ ସତ୍ତ୍ୱେ ଏ ସମ୍ବାଦପତ୍ର ’ସମାଜ’ ଆଜି ୧୦୦ ବର୍ଷରେ ପଦାର୍ପଣ କରି ଆଜି ମଧ ଗଣତନ୍ତ୍ରର ଜାଗ୍ରତ ଓ ସତର୍କ ପ୍ରହରୀ ସାଜି ନିଜର ସ୍ୱାଭିମାନକୁ ବଜାୟ ରଖି କର୍ଯ୍ୟ ଜାରି ରଖିଛି। ଗୋପବନ୍ଧୁ ଯେଉଁ ଜାତୀୟବାଦୀ ମାନବବାଦର ମି ପ୍ରତିଟି ସୁପ୍ତ ଓଡ଼ିଆଙ୍କ ଭିତରେ ବୁଣି ଜାତିକୁ ମାତୃଭାଷାକୁ, ସାହିତ୍ୟକୁ ଭଲପାଇବାର ସ୍ପନ୍ଦନ ସୃଷ୍ଟି କରିଥିଲେ ତାହା ଆଜି ବିରାଟ ପ୍ରତିଧ୍ୱନୀ ସୃଷ୍ଟି କରି ସମଗ୍ର ବିଶ୍ୱରେ ମଧ ବିସ୍ମୟ ସୃଷ୍ଟି କରିଛି।

ସବୁଠୁ ଦୁଃଖ ଏବଂ ଲଜ୍ଜାର କଥା ହେଉଛି ଆଜିବି ପ୍ରତିଟି ଓଡ଼ିଆ ନିଜ ଭିଟାମାଟିକୁ ଛାଡ଼ି ଅନ୍ୟ ରାଜ୍ୟକୁ ଯାଉଛି ଦାଦନ ଶ୍ରମିକ ସାଜି। ସେ ବିକାଶ ମୋହରେ ହେଉ ବା ନିଜର ରୁଗ୍‌ଣ ମାନସିକତାର ଶୀକାର ହୋଇ ହେଉ। ଓଡ଼ିଆ ସମସ୍ତ ପ୍ରାଚୁର୍ଯ୍ୟ, ଖଣି, ଖାଦାନ, ଜଳ, ମାନବସମ୍ବଳ, ଜମି, ଅରଣ୍ୟ ସମ୍ପଦ ପଶୁସମ୍ପଦ ଥାଇ ମଧ ଅନ୍ୟ ପଡ଼ୋଶୀ ରାଜ୍ୟ ଉପରେ ନିଜର ନିତ୍ୟ ଆବଶ୍ୟକୀୟ ପାଇଁ ନିର୍ଭର କରୁଛି। ନିଜ ଜନମ ମାଟିର କାମଧନ୍ଧା ନ ପାଇ ଲକ୍ଷଲକ୍ଷ ଓଡ଼ିଆ ଶ୍ରମିକ ସାଜି ନାହିଁନଥିବା ଯନ୍ତ୍ରଣା ଭୋଗ କରୁଛି ମୃତ୍ୟୁମୁଖର ମଧ ପଡୁଛି ଗଣତନ୍ତ୍ର ସଫଳ ହୋଇପାରୁନି। ଶ୍ରମିକଟିଏ ନିର୍ଯାତନାର ଶୀକାର ହେଉଛି। କାହିଁକି ଆଜି ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଚାଷୀଟି ଋଣବୋଝ ସହିନପାରି ଆତ୍ମହତ୍ୟା କରୁଛି। କନ୍ୟାଟି ଗଣଦୁଷ୍କର୍ମର ତଥା ଶୋଷଣର ଶୀକାର ହେଉଛି। ସହର ହେଉବା ଗାଁ ସବୁଠି ମଦର ବନ୍ୟା, ରାଜନୀତିର ପରିଭାଷା ଲୋକସେବା ସମ୍ପୂର୍ଣ୍ଣ ବଦଳିଯାଇଛି। ଆମ ଭାଷା, ସଂସ୍କୃତି, ସଭ୍ୟତା ସବୁ ଅବକ୍ଷୟ ପଥରେ। ଦେଶର ମେରୁଦଣ୍ଡ ଯୁବକ ଗୋଷ୍ଠୀ ପ୍ରାୟ ପଙ୍ଗୁ। ଆପେ ବଞ୍ଚିଲେ ବାପର ନା’ର ଉକ୍ତିର ଦ୍ୱାହିଦେଇ ଶିକ୍ଷାବିତ୍, ପ୍ରଶାସନ, ଆଇନଜୀବୀ, ପୁଁପତି, ଶିଳ୍ପପତି, ଯନ୍ତ୍ରୀ ପ୍ରାୟତଃ ଆଖି, କାନ, ପାଟି ଥାଇ ନୀରବଦ୍ରଷ୍ଟା ସାଜିଛନ୍ତି। ସ୍ୱାଧୀନତାର ଅନେକ ବର୍ଷପରେ ମଧ ଭାତ, ପାଣି, ବିଜୁଳି, ଔଷଧ, ଶିକ୍ଷା, ଚିକିତ୍ସା ଆଜି ସାତସପନ। ଆଜିବି ଖଟିଆରେ ପାଣି ଭିତରେ ବୁହା ହେଉଛନ୍ତି ରୋଗୀ ଏବଂ ପ୍ରସୂତି। ରାସ୍ତାକଡ଼ରେ ବୁଦାମୂଳେ ଅଥବା ଗଛମୂଳେ ଜନ୍ମ ହୁଅନ୍ତି ଏ ଦେଶର ଭବିଷ୍ୟତ ବିକାଶ ଲାଗି ଏତେ ଯୋଜନା ସତ୍ତ୍ୱେ ସ୍ଥିତି କାହିଁକି ସୁଧୁରିପାରୁନି। ଆତ୍ମସମୀକ୍ଷା ହେବା ଦରକାର। ଭୁଲ ରହୁଛି କେଉଁଠି। ବିକାଶର ପଥ ଆହୁରି ଅନେକ ଦୂର। ବିକାଶ ପାଇଁ ପ୍ରତିଟି ଓଡ଼ିଆଙ୍କୁ ଅଣ୍ଟାଭିଡ଼ି ଉଠିବାକୁ ପଡ଼ିବ। ଆଜିବି ଗୋପବନ୍ଧୁଙ୍କ ପରିତ୍ୟାଗଦିପ୍ତ ପ୍ରେରଣାର ଉତ୍ସ ବ୍ୟକ୍ତିଙ୍କୁ ଏ ଜାତି ଖୋଜୁଛି ଏହି ୯୨ ତମ ପୁଣ୍ୟତିଥିରେ। ତୁମରି ଆଦର୍ଶରେ ଯଦି ଏ ଜାତି ଆତ୍ମବିଶ୍ୱାସର ସହ ପ୍ରତିକୂଳ ପରିସ୍ଥିତି ସହ ଲଢ଼ି ସଂଘର୍ଷ ଜାରି ରଖି କାର୍ଯ୍ୟ କରିବ ତେବେ ତାହା ହିଁ ହେବ ଶତାବ୍ଦୀର ଶ୍ରେଷ୍ଠ ମଣିଷ। ତୁମ ପ୍ରତି ପ୍ରକୃତ ଗଭୀର ଶ୍ରଦ୍ଧାଳି ଯେଉଁଦିନ ଗୋଟିଏ ବି କୃଷକ ଆତ୍ମହତ୍ୟା ନ କରିବ, ଗୋଟିଏ ବି କନ୍ୟା ଦୁଷ୍କର୍ମର ଶୀକାର ନହେବ, ଗୋଟିଏ ବି ଯୁବକ ରାଜ୍ୟଛାଡ଼ି ଦାଦନ ଶ୍ରମିକ ସାଜି ପ୍ରବାସୀ ନ ଯିବ ସେହିଦିନ ପ୍ରକୃତ କ୍ରାନ୍ତୀ ଆସିବ ଏବଂ ଆମେ ଗର୍ବ କରିବା ଆମେ ସେହି ଶ୍ରେଷ୍ଠ ମାନବଆତ୍ମାଙ୍କୁ ପ୍ରକୃତ ଦାୟାଦ।

+ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

## କେମିତି ରଙ୍ଗ ବେରଙ୍ଗ ହୋଇଥାଏ ଫୁଲ, ଜାଣନ୍ତୁ କଣ ଅଛି ଏହା ପଛର କାରଣ ?



ମଣିଷ ଜବୀବନରେ ଫୁଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେ ପୂଜା ପର୍ବ ହେଉକି କୌଣସି ବିଶେଷ ଉତ୍ସବ। ଫୁଲର ରଙ୍ଗ ତା ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସୁଗନ୍ଧ ସବୁବେଳେ ପ୍ରତ୍ୟେକ ମଣିଷର ହୃଦୟକୁ ସର୍ବଦା ଆକର୍ଷିତ କରିଥାଏ। କିନ୍ତୁ ଆପଣ କେବେ ଚିନ୍ତା ଫୁଲଗୁଡ଼ିକ କେମିତି ହୋଇଥାଏ ରଙ୍ଗବେରଙ୍ଗୀ ? ଏହା ପଛରେ ରହସ୍ୟ କ’ଣ ଆସନ୍ତୁ ଜାଣିବା। କିଛି ରାସାୟନିକ ପ୍ରକ୍ରିୟା ଦ୍ୱାରା ଫୁଲର ରଙ୍ଗ ନିର୍ଣ୍ଣୟ କରାଯାଏ । ରଙ୍ଗ ପାଇବାରେ ସାହାଯ୍ୟ କରୁଥିବା ଏକ ରାସାୟନିକ ପଦାର୍ଥକୁ କୁହାଯାଏ “ଆନଥ୍ରୋସାୟାନିନ୍” । ଏହି ରାସାୟନିକ ପଦାର୍ଥ ଫୁଲର ରଙ୍ଗ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆନଥ୍ରୋସାୟାନିନ ଗୁଡିକ ରଙ୍ଗର ପିଗମେଣ୍ଟ ସୃଷ୍ଟି କରେ ଯାହା ଫୁଲର ପତ୍ର, କଢ଼ ଏବଂ ଫୁଲର ଅନ୍ୟାନ୍ୟ ଅଂଶରେ ଦେଖାଯାଏ । କିଛି ଫୁଲ ଏମିତି ଥାଏ ଯାହା ଗୋଟିଏ ରଙ୍ଗର ହୋଇଥାଏ। ଏହି ଫୁଲଗୁଡ଼ିକର ରଙ୍ଗ କାରୋଟିନଏଡ ରାସାୟନିକ ପଦାର୍ଥ ହେତୁ ହୋଇଥାଏ, ଯାହା ଫୁଲର ପିଗମେଣ୍ଟଗୁଡ଼ିକୁ ନିର୍ଦ୍ଦିଷ୍ଟ ରଙ୍ଗରେ ପରିଣତ କରିଥାଏ । ଉଦାହରଣ ସ୍ୱରୂପ, ନାଲି ଗୋଲାପ, ହଳଦିଆ ମାରିଗୋଲ୍ଡ ଏବଂ କମଳା ଫୁଲର ରଙ୍ଗରେ କାରୋଟିନଏଡ୍ ଥାଏ, ଯେଉଁ କାରଣରୁ ଏହି ଫୁଲଗୁଡ଼ିକ ନିର୍ଦ୍ଦିଷ୍ଟ ରଙ୍ଗରେ ଫୁଟିଥାଏ । କିଛି ଫୁଲ ଅଛି ଯାହାର ଉଜ୍ଜ୍ୱଳ ରଙ୍ଗର। ଏଥିରେ ଉଭୟ ଆନ୍ଥୋସିୟାନିନ ଏବଂ କାରୋଟିନଏଡ ପିଗମେଣ୍ଟ ଅଛି, ଯେଉଁଥିପାଇଁ ତାହା ବିଭିନ୍ନ ରଙ୍ଗରେ ଦେଖାଯାଇଥାଏ । ଏହି ପ୍ରକାରର ଫୁଲର ରଙ୍ଗ ଅନନ୍ୟ ଓ ଭିନ୍ନ ଆକର୍ଷଣ ସୃଷ୍ଟି କରେ। ତେବେ ପତ୍ର ସବୁଜ ରଙ୍ଗର ହେବାର କାରଣ ହେଉଛି କ୍ଲୋରୋଫିଲ୍ ।

## କଞ୍ଚା କଦଳୀ ଖାଉଛନ୍ତି କି ? ଜାଣନ୍ତୁ ଏହାର୍ ଉପକାରିତା ବିଷୟରେ...



ସମସ୍ତେ ପ୍ରାୟ କଞ୍ଚା କଦଳୀ ଖାଉଥିବେ । କିନ୍ତୁ ଜାଣନ୍ତି କି ମଣିଷ ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ କଞ୍ଚା କଦଳୀ । ଏହାକୁ ଖାଇଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ । ଏମିତିକି ଅନେକ ରୋଗ ପାଇଁ ଔଷଧ ଖାଇବାକୁ ପଡିନଥାଏ । ଆସନ୍ତୁ ଜାଣିବା କଞ୍ଚା କଦଳୀର ଉପକାରିତା ବିଷୟରେ... କଞ୍ଚା କଦଳୀରେ ଭରପୂର ରହିଛି ପୋଟାସିୟମ୍ । ବିଶେଷଜ୍ଞ କହିବା ଅନୁଯାୟୀ, କଞ୍ଚା କଦଳୀ ଖାଇବା ଦ୍ୱାରା ଶରୀର ଫୁର୍ତ୍ତିଲା ହେବା ସହିତ ହୃଦରୋଗର ଆଶଙ୍କା ମଧ କମିଯାଏ । ସେହିପରି ରକ୍ତରେ ଶର୍କରା ସ୍ତର ବୃଦ୍ଧି ନକରି ମିଠାସ୍ତରକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ କଞ୍ଚା କଦଳୀ । ତେଣୁ ମଧୁମେହ ରୋଗୀମାନେ ନିରାପଦରେ କଞ୍ଚା କଦଳୀ ଖାଇପାରିବେ । ଏହା ଉଭୟ ଶରୀର ଏବଂ ସ୍ୱାସ୍ଥ୍ୟ ଭଲ ରହିବ । କଞ୍ଚା କଦଳୀରେ ଏନଜାଇମ୍ ଥାଏ, ଯାହା ଝାଡ଼ା ଏବଂ ପେଟ ସଂକ୍ରମଣକୁ ଭଲ କରିଥାଏ । ତେଣୁ ଝାଡ଼ା ହେଲେ ଡାକ୍ତରମାନେ କଞ୍ଚା କଦଳୀ ଖାଇବାକୁ ପରାମର୍ଶ ଦିଅନ୍ତି । ସେହିପରି ହଜମ ଜନିତ ସମସ୍ୟା ପାଇଁ କଞ୍ଚା କଦଳୀ ବହୁତ ଭଲ କାମ କରେ । ଯଦି ଫୁଟାଯାଇ ଲୁଣ ସହିତ ଖାଆନ୍ତି, ଏହା ଶରୀର ପାଇଁ ବହୁତ ଲାଭଦାୟକ ହୋଇଥାଏ । କଞ୍ଚା କଦଳୀ ଭୋକ ଲାଗିବାକୁ ନିୟନ୍ତ୍ରଣ କରିଥାଏ । ଯାହା ଓଜନ ବୃଦ୍ଧିକୁ ରୋକିବାରେ ସହାୟକ ହୋଇଥାଏ । ଏହା ସହିତ ହାଡକୁ ଶକ୍ତ କରିବାରେ ସହାୟକ ହୋଇଥାଏ । କଞ୍ଚା କଦଳୀରେ ଭିଟାମିନ୍-ଏ, ଭିଟାମିନ୍-ବି ୬ ଓ ଭିଟାମିନ୍-ସି, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ଫସଫେଟ୍ ରହିଛି।

## ଗୃହିଣୀ ଜାଣନ୍ତୁ



ଅଧିକ ଲାଲ ମାଂସ ଭୋଜନ ହୃତପିଣ୍ଡ ପାଇଁ କ୍ଷତିକାରକ ହୋଇପାରେ। ଏହା ଦ୍ୱାରା ହୃଦଘାତ ତଥା ହୃତପିଣ୍ଡ ସମ୍ପର୍କିତ ଅନ୍ୟ ରୋଗର ଆଶଙ୍କା ବଢ଼େ। ତେବେ ସମସ୍ତେ ଏହା ଛାଡ଼ିପାରିବେ ନାହିଁ। ତେଣୁ ଏ ବାବବଦରେ ଅଧିକ ଚିନ୍ତା କରିବା ବଳଦରେ ଏହାକୁ କେଉଁ ପଦ୍ଧତିରେ ବିପଦମୁକ୍ତ କରିପାରିବେ, ଜାଣିବା ଉଚିତ। ଭୂମଧ୍ୟସାଗରୀୟ ଅଂଚଳରେ ବର୍ଷତମାମ ମିଳୁଥିବା ଏକ ଔଷଧୀୟ ଗୁଳ୍ମ ହେଉଛି “ରୋଜମେରି”। ଏହାର କେତେକ ଉପାଦାନ ଲାଲ ମାଂସର କ୍ଷତିକାରକ ଉପାଦାନଗୁଡ଼ିକ ନଷ୍ଟ କରିବାକୁ ସମର୍ଥ। ପୁଣି ଏହା କର୍କଟ ଆଶଙ୍କା ମଧ୍ୟ କମାଏ। ଏହାର ପତ୍ର ବେଶ୍ ସ୍ୱାଦିଷ୍ଟ। ମାଂସ ରାନ୍ଧୁଥିବା ବେଳେ ଏହାକୁ ମିଶାନ୍ତୁ। ଶୁଷ୍କ ରୋଜମେରି ପତ୍ର ଭାରତୀୟ ବଜାରରେ ମିଳୁଛି।




## ମନସୁନରେ ଝଡୁଥିବା କେଶକୁ ନିୟନ୍ତ୍ରଣରେ ରଖିବା ପାଇଁ ଆପଣାନ୍ତୁ ଏହି ଉପାୟ



ମନ୍‌ସୁନ୍‌ରେ ବହୁତ ଲୋକଙ୍କର କେଶ ଝଡ଼ିବା ଥାଏ । ଏହି କାରଣରୁ ଅନେକ ଲୋକ ଅସୁବିଧାରେ ପଡ଼ନ୍ତି। ଏଥିପାଇଁ ଅନେକ ବ୍ୟୁଟି ପ୍ରଡକ୍ଟର ବ୍ୟବହାର କରାଯାଏ । କିନ୍ତୁ ସେମାନଙ୍କର ବ୍ୟବହାର ଦୀର୍ଘ ସମୟ ମଧରେ କେଶକୁ ନଷ୍ଟ କରିପାରେ । ଏପରି ପରିସ୍ଥିତିରେ, କେଶ ଝଡ଼ିବା ବନ୍ଦ କରିବା ପାଇଁ, ଆପଣ ଏଠାରେ ଦିଆଯାଇଥିବା ଏହି ପଦ୍ଧତି ଗୁଡ଼ିକୁ ମଧ ଆପଣାଇ ପାରିବେ । ଆପଣ କେଶ ପାଇଁ ଅଣ୍ଡା, ବାଦାମ ତେଲ ଏବଂ ଭୃସଙ୍ଗ ପତ୍ର ପରି ଅନେକ ପ୍ରକାରର ଜିନିଷ ବ୍ୟବହାର କରିପାରିବେ । ଏହି ଜିନିଷ ଗୁଡ଼ିକ କେଶକୁ ମଜବୁତ କରିବା ପାଇଁ କାମ କରେ । କେଶ ପାଇଁ ଆପଣ ଏହି ପ୍ରାକୃତିକ ଜିନିଷଗୁଡ଼ିକୁ କେଉଁ ଉପାୟରେ ବ୍ୟବହାର କରିପାରିବେ ଆସନ୍ତୁ ଜାଣିବା।

ଅଣ୍ଡା ଓ ଓଲିଭ୍ ତେଲ– ପ୍ରଥମେ ଏକ ପାତ୍ରରେ ପକାଇ ଏଥିରେ ଦୁଇ ଚାମଚ ଅଲିଭ୍ ତେଲ ମିଶାନ୍ତୁ । ଏହି ଦୁଇଟି ଜିନିଷକୁ ମିଶାଇ ସ୍କାଲ୍ପ ଏବଂ କେଶରେ ମାଲିସ୍ କରନ୍ତୁ । ଏହାକୁ ୩୦ ମିନିଟ୍ ଛାଡି ଦିଅନ୍ତୁ । ତାପରେ ଏହାକୁ ଧିରେ ଧିରେ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ । ଆପଣ ଏହି ଅଣ୍ଡା ଏବଂ ଅଲିଭ୍ ତେଲ ପ୍ୟାକ୍ ସପ୍ତାହରେ ୧ ରୁ ୨ ଥର ବ୍ୟବହାର କରିପାରିବେ।

ଆପଲ୍ ସାଇଡର୍ ଭିନେଗାର ଏବଂ ବାଦାମ ତେଲ– ଏକ ପାତ୍ରରେ ଗୋଟିଏ ଚାମଚ ଆପଲ୍ ଭିନେଗାର ନିଅନ୍ତୁ । ଏଥିରେ ୨ ଚାମଚ ବାଦାମ ତେଲ ମିଶାନ୍ତୁ । ଭିନେଗାର ଏବଂ ତେଲ ମିଶାଇ କେଶ ଓ ସ୍କାଲପ୍‌ରେ ମାଲିସ୍ କରନ୍ତୁ। ଏହାକୁ ଆପଣ ସପ୍ତାହରେ ଅତି କମରେ ଦୁଇଥର ବ୍ୟବହାର କରିପାରିବେ।

ନଡିଆ ତେଲ ଏବଂ ଭୃସଙ୍ଗ ପତ୍ର- ମନସୁନ୍‌ରେ କେଶ ପାଇଁ ଆପଣ ନଡିଆ ତେଲ ଏବଂ ଭୃସଙ୍ଗ ପତ୍ର ମଧ ବ୍ୟବହାର କରିପାରିବେ। ଏଥିପାଇଁ ଅଳ୍ପ କିଛି ଭୃସଙ୍ଗ ପତ୍ର ଆବଶ୍ୟକ । ଏକ ପ୍ୟାନରେ ୫ ଚାମଚ ନଡ଼ିଆ ତେଲ ଗରମ କରନ୍ତୁ । ସେଥିରେ ସେହି ଏହି ପତ୍ରଗୁଡ଼ିକୁ ରଖନ୍ତୁ ।ଏହି ପତ୍ରଗୁଡିକ କଳା ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଥଣ୍ଡା ହେବା ପରେ ପତ୍ର ଗୁଡିକୁ ଅଲଗା କରି ଦିଅନ୍ତୁ । ପରେ ମୁଣ୍ଡରେ ଧିରେ ଧିରେ ସବୁଆଡେ ମାଲିସ୍ କରି ନିଅନ୍ତୁ। ଏହାକୁ ଏକ ଘଣ୍ଟା ପାଇଁ ରଖିବା ପରେ ଧୋଇ ନିଅନ୍ତୁ। ଏହାକୁ ସପ୍ତାହରେ ବ୍ୟବହାର କରିପାରିବେ ।

# ସାଇବର ଠକାମୀରୁ ବର୍ତ୍ତିବା ନେଇ ବିଭିନ୍ନ ସ୍ଥାନରେ ଜନ ସଚେତନତା ଶୋଭାଯାତ୍ରା

ସୁବର୍ଣ୍ଣପୁର, ୦୮/୧୦ (ନି.ପ୍ର): ସାଇବର ଠକାମୀରୁ ବର୍ତିବା ନେଇ ବିଗତ କିଛି ଦିନ ହେବ ସୁବର୍ଣ୍ଣପୁର ପୋଲିସ୍ ବ୍ୟାପକ ସଚେତନତା କାର୍ଯ୍ୟକ୍ରମକୁ ହାତକୁ ନେଇଛି । ଆଜି ଜିଲ୍ଲାର ତରଭା ସହରର ବାଳକ ହାଇସ୍କୁଲ ଓ କଲେଜ ଠାରେ ଓ ବ୍ଲକର ବିଭିନ୍ନ ଗାଁ ରେ ସାଇବର ରଥ ଦ୍ୱାରା ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କୁ ସାଧାରଣ ଜନତାଙ୍କୁ ବ୍ୟାପକ ଜନ ସଚେତନତା କରୁଥିବା ବେଳେ ଏହି କାର୍ଯ୍ୟକ୍ରମରେ ଥାନା ଭାରପ୍ରାପ୍ତ ଅଧିକାରୀ ଅନିତା କିଡୋ, ଏସଆଇ ଆରତୀ କଅଁର, ମେଣ୍ଡା ଓ କମସରା ଫାଣ୍ଡି ଅଧିକାରୀ ଉପସ୍ଥିତ ଥିଲେ ।

ସେହିପରି ଗତ ଗୁରୁବାର ଏହି ପରିପ୍ରେକ୍ଷୀରେ ଉଲୁଣ୍ଡା ପଂଚାୟତ କଲେଜର ଉଲୁଣ୍ଡା ଥାନା ଅଧିକାରୀ ପଂଚାନନ ନାଏକଙ୍କ ପୋରୋହିତ୍ୟରେ ଏକ ସଚେତନତା କାର୍ଯକ୍ରମରେ କଲେଜର ଅଧକ୍ଷ ଡକ୍ଟର ପାଣ୍ଡିଆ ସାଇବର ସଚେତନତା କାର୍ଯ୍ୟକ୍ରମକୁ ଉଚ୍ଚକୋଟୀର ପ୍ରଶଂସା କରିଥିଲେ । ପୂର୍ବ ଦିନ ବିନିକା ପୁଲିସ ତରଫରୁ ବ୍ୟାପକ ଭାବରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷିରେ ଜିଲ୍ଲାର କୋଣ ଅନୁକୋଣରେ ବୁଲୁଥିବା ସାଇବର ସୁରକ୍ଷା ଅଭିଯାନ ରଥକୁ ଭୂୟସି ପ୍ରଶଂସା ସହିତ ରାଜ୍ୟ ସରକାର ତଥା ପୋଲିସ ବିଭାଗକୁ ଧନ୍ୟବାଦ୍ ଦେଇଥିଲେ । ସେହିପରି ଗତକାଲି ଲଛିପୁର ଅନ୍ତର୍ଗତ ପଂଚାୟତ କଲେଜ ଲଛିପୁରରେ ଡ଼ିଏସପି ଚନ୍ଦ୍ରଶେଖର ଶବର ଯୋଗଦେଇ କଲେଜର ଛାତ୍ର ଛାତ୍ରୀଙ୍କୁ ସାଇବର ଠକଙ୍କ ଶିକାର ହେଲେ ୧୯୩୦ କୁ ତୁରନ୍ତ ଯୋଗାଯୋଗ କରି ତାହାକୁ ଉଚିତ୍ ଜବାବ ଦେବାକୁ ଉପଦେଶ ଦେଇଥିଲେ ଓ ଅପରାହ୍ନରେ ଭୀମ ଭୋଇ ଆଶ୍ରମ ସ୍କୁଲ୍ ଖଲିଆପାଲିରେ ସାଇବର ସଚେତନତା କୁଇଜ୍ କାର୍ଯକ୍ରମ ଅନୁଷ୍ଠିତ କରାଯାଇ ପ୍ରତିଭାଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଉଲୁଣ୍ଡା ଠାରେ ଆଇଆଇସି ପଂଚାନନ ନାଏକ, ଏସଆଇ ସରୋଜ ପାଣିଗ୍ରାହି, ଲଛିପୁର ଠାରେ ଆଇଆଇସି ସୋଭାକର ସେଠୀ ପ୍ରମୁଖ ସଂଯୋଜନା କରିଥିବା ବେଳେ ହାବିଲଦାର ମନୋଜ୍ ପଣ୍ଡା ମଂଚ ପରିଚାଳନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି ଦିଦି ଆଶା ତଥା ମିଶନ ଶକ୍ତି ମା ମାନେ ଉଲୁଣ୍ଡା, ବିନିକା, ଲଛି ପୁର ଓ ତରଭାର ଥାନାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଆସନ୍ତା କାଲି ସୁବର୍ଣ୍ଣପୁର ସହରରେ ଜିଲ୍ଲା ପୋଲିସ ପକ୍ଷରୁ ସ୍କୁଲ, କଲେଜ, ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା ଉପରେ ଏକ ମାରାଥନ କାର୍ଯ୍ୟକ୍ରମର ଆୟୋଜନ ହେବାକୁ ଥିବା ସୂଚନା ମିଳିଛି ।

# ଅନ୍ତରୀକ୍ଷ ସପ୍ତାହରେ ଚମକିଲା ବୁର୍ଲା ଭିସୁତ୍

ସମ୍ବଲପୁର, ୦୮/୧୦ (ନି.ପ୍ର): ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂଗଠନ(ଇସ୍ରୋ) ଦ୍ୱାରା ଆୟୋଜିତ ସମ୍ମାନଜନକ ସ୍ପେସ୍ ୱିକ(ଅନ୍ତରୀକ୍ଷ ସପ୍ତାହ)ରେ ଭିଏସ୍ ସ୍ପେସ୍ ଇନୋଭେସନ୍ ସେଂଟର(ଭିଏସ୍ଆଇସି) ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା ପ୍ରତିନିଧିତ୍ୱ କରିଥିଲା । ଗତ ଅକ୍ଟୋବର ୪ ରୁ ୬ ମଧ୍ୟରେ ଅନୁଷ୍ଠିତ ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ଭିଏସ୍ଆଇସିର ଛାତ୍ରଛାତ୍ରୀ ଏବଂ ପ୍ରାଧ୍ୟାପକମାନେ ସେମାନଙ୍କର ପ୍ରକଳ୍ପ ଏବଂ ମହାକାଶ ଅନୁସନ୍ଧାନ କ୍ଷେତ୍ରରେ ନିରନ୍ତର ଭାବେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ । ଭିସୁତର ଭିଏସ୍ଆଇସି ଦ୍ୱାରା ପରିଚାଳିତ ପ୍ରଥମ ଛାତ୍ର ଭିତିକ ଉପଗ୍ରହ ଉତକ୍ଷେପଣ ଯାନ ପ୍ରକଳ୍ପର ଆଗମନରୁ ଏକ ପଦକ୍ଷେପକୁ, ଭାରତର ମହାକାଶ ଅଭିଯାନରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି । ସ୍ପେସ୍ ୱିକରେ, ଦଳ ରକେଟ୍, ଉପଗ୍ରହ ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ଅନୁସନ୍ଧାନରେ ସେମାନଙ୍କର ଅତ୍ୟାଧୁନିକ ଅନୁସନ୍ଧାନ ଓ ଉଦ୍ଭାବନର ପ୍ରଦର୍ଶନ କରିଥିଲେ । ଛାତ୍ରମାନେ ଶିଳ୍ପ ବିଶେଷଜ୍ଞ ଏବଂ ଇସ୍ରୋର ବୈଜ୍ଞାନିକମାନଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇ ଏହି କ୍ଷେତ୍ରରେ ମୂଲ୍ୟବାନ ଜ୍ଞାନ ଆହରଣ କରିଥିଲେ । ଛାତ୍ରଙ୍କ ଦଳ ଗୃହ ବିଭାଗ ମନ୍ତ୍ରଣାଳୟ ସହିତ ଭିଏସ୍ଏଲଭି ପ୍ରକଳ୍ପର ଭବିଷ୍ୟତ ଦିଗ ତଥା କାନସାଟ, ଆରଏଫ୍ ଅମଳ ବ୍ୟବହାର କରି ପିକୋସାଟ ଇତ୍ୟାଦି ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରକଳ୍ପ ବିଷୟରେ କଥାବାର୍ତା କରି ହଜାର ହଜାର ଛାତ୍ରଙ୍କୁ ଏଥିରେ ପଦାର୍ପଣ କରିବାକୁ ଉତ୍ସାହିତ କରିଥିଲେ । ଛାତ୍ର ସଦସ୍ୟ ଆୟୁଷ୍ମାନ ଜେନା, ଶୁଭଙ୍କର ପଣ୍ଡା, ସୁଭାମ ନାୟକ, ଶୁଭ୍ରାଂଶୁ ରଞ୍ଜନ ଦାସ ଏବଂ ଅନ୍ୟ ସଦସ୍ୟମାନେ ସମ୍ପୃକ୍ତ ମେଣ୍ଟର ଗାଇଡ୍ ଡ. ନିବେଦିତା ପଟେଲଙ୍କ ସହିତ ବହୁ ସମ୍ମାନିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବାର ସୁଯୋଗ ପାଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶ ଲାଲ ଯୋଗ ଦେଇଥିବା ବେଳେ ଏସଡିଏସସି ଏସ୍ଏଚ୍ଆର୍ ନିର୍ଦ୍ଦେଶକ ଏ ରାଜରାଜନ୍, ଏସଡିଏସସି ଏସ୍ଏଚ୍ଆର୍ ଉପ-ନିର୍ଦ୍ଦେଶକ ସେଂଚିଲ କୁମାର ଆର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଅନ୍ତରୀକ୍ଷ ସପ୍ତାହରେ ଅଂଶଗ୍ରହଣ କରି ଭିଏସ୍ଆଇସି ଟିମ୍ ଏକ ନିଆରା ସଫଳତା ହାସଲ କରିଥିଲା ।

# ଫୁଲବାଣୀରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

କନ୍ଧମାଳ, ୦୮/୧୦ (ନି.ପ୍ର): ଫୁଲବାଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିପିଡିତ ର ସଭାଗୃହରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଫୁଲବାଣୀ ଏବଂ ଆଖପାଖ ଅଂଚଳରେ ଥିବା ମସ୍ତିଷ୍କ ପକ୍ଷାଘାତ ପିଡିତ ଶିଶୁମାନଙ୍କ ସମେତ ସେମାନଙ୍କର ଅଭିଭାବକ ମାନେ ଯୋଗ ଦେଇଥିଲେ । ଅନୁଷ୍ଠାନର କର୍ମଚାରୀ ସୁଶ୍ରୀ ଜ୍ୟାତିର୍ମୟୀ ମଲ୍ଲିକ ଅତିଥି ସ୍ୱାଗତ କରିଥିବା ବେଳେ ପ୍ରକଳ୍ପ ସଂଯୋଜକ ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମ ବାବଦରେ ସୁଚନା ପ୍ରଦାନ କରିଥିଲେ । ଫିଜିଓଥେରାପିଷ୍ଟ ସୁଧାଂଶୁ ସେଖର ସାହୁ ମସ୍ତିଷ୍କ ପକ୍ଷାଘାତ ପିଡିତମାନଙ୍କର ଶାରିରୀକ ବ୍ୟାୟାମ କିପରି କରାଯିବ ସେହି ବାବଦରେ ଅଭିଭାବକମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ଅନୁଷ୍ଠାନର ବୈକୁଣ୍ଠନାଥ ଦାସ ଏବଂ ସ୍ୱାତୀ ଅନୁଷ୍ଠାନର ପ୍ରଦୀପ କୁମାର ସ୍ୱାଇଁ ମାନସିକ ସ୍ୱାସ୍ଥ୍ୟ ତଥା ଏହାର ଯତ୍ନ ବାବଦରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ମସ୍ତିଷ୍କ ପକ୍ଷାଘାତ ବିଷୟରେ ସାମାଜିକ ସଚେତନତାର ବିଭିନ୍ନ ଦିଗ ବିଷୟରେ ସମୀର କୁମାର ବେହେରା,ଫିରିଙ୍ଗିଆ ଏବଂ ଖଜୁରିପଡାର ବିଆରପି ପ୍ରାଞ୍ଜଳ ଭାବରେ ଅଭିଭାବକଙ୍କୁ ସଚେତନ କରାଇଥିଲେ । ଶେଷରେ ଅନୁଷ୍ଠାନର ଶ୍ରୀମତୀ ତଜ୍ୟୋସ୍ନାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଦ ବିକ୍ରିକୁ ବିରୋଧ କରିବାରୁ ମହିଳାଙ୍କୁ ମାଡ଼ ଅଭିଯୋଗ

ମାଲକାନଗିରି, ୦୮/୧୦ (ନି.ପ୍ର): ଚୋରାମଦ ବିକ୍ରିକୁ ବିରୋଧ କରିବାରୁ ଏସଏଚଜି ମହିଳାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ଏପରି ଏକ ଘଟଣା ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କିଆଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶ, ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଶିକ୍ଷକତା କରୁଛନ୍ତି ବୋଲି ମହିଳାମାନେ କହିଛନ୍ତି । ଉକ୍ତ ଗାଁ ଘାଟି ଉପରେ ଥିବାରୁ ସେ କେବେ ମଧ ବିଦ୍ୟାଳୟକୁ ଯାଉ ନ ଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟକୁ ନ ଯାଇ ସେ ଗ୍ରାମରେ ଚୋରାମଦ ବିକ୍ରି କରୁଥିବା ଅଭିଯୋଗ ହେଉଛି । ମାଥିଲି ଅବକାରୀ ବିଭାଗ ନିକଟକୁ ଗ୍ରାମବାସୀ ବାରମ୍ବାର ଯାଇ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ବି ଅଭିଯୋଗ ଆସିଛି । ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସେହି ଗ୍ରାମ ତଥା ପଂଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦୁଇଦିନ ପୂର୍ବେ ଏ ସମ୍ପର୍କରେ ମାଥିଲି ଥାନାରେ ଜଣାଇଥିଲେ । କିନ୍ତୁ, କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତକାଲି ସମସ୍ତ ମହିଳା ଏକଜୁଟ ହୋଇ ପଂଚାୟରେ ମଦ ବନ୍ଦ ପାଇଁ ଏକ ଶୋଭାଯାତ୍ରା କରିଥିଲେ । ମହିଳାମାନେ ଶୋଭାଯାତ୍ରାରେ ଆସି ମଦ ବନ୍ଦ କରିବାକୁ ବିଭିନ୍ନ ନାରାବାଜି ଦେଇଥିଲେ । କିନ୍ତୁ, ସଂପୃକ୍ତ ବ୍ୟକ୍ତି ମହିଳାଙ୍କ ସହ ଯୁକ୍ତିତର୍କ କରିଥିଲେ । ସେ ଏସଏଚଜି ମହିଳାମାନଙ୍କୁ ଧକ୍କା ମାରିଥିବା ଅଭିଯୋଗ ହୋଇଛି । ଏ ନେଇ ମହିଳାମାନେ ମାଥିଲି ଥାନାରେ ଏକ ଏତଲା ଦେଇଛନ୍ତି । ଏ ସମ୍ପର୍କରେ ମାଥିଲି ଥାନା ଅଧିକାରୀ ଦେବଦତ ମଲ୍ଲିକଙ୍କୁ ପଚାରିବାରୁ ଗତକାଲି ମହିଳା ମାନେ ଆସି ଏତଲା ଦେଇଥିବା କହିଛନ୍ତି । ଏତଲା ଆଧାରରେ କେସ ନମ୍ବର ୨୧୧/୨୩ ରେ ଏକ ମାମଲା ରୁଜୁ ହୋଇଛି । ଥାନାର ଗୋଟିଏ ଟିମ୍ ତଦନ୍ତ କରିବା ନିମନ୍ତେ କିଆଙ୍ଗ ଯାଇଛନ୍ତି ।

# କୁଭି ଓ ଦେଶୀ ଶିକ୍ଷାକୁ ସଶକ୍ତ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କୋରାପୁଟ, ୦୮/୧୦ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆରଆଇଇ (ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ), ଏନସିଇଆରଟି (ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ) ସହଯୋଗରେ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ କୁଇ ଏବଂ ଦେଶିଆ ଭାଷା ଉପରେ କେନ୍ଦ୍ରିତ ଏକ ପରିବର୍ତନମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରୁଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅକ୍ଟୋବର ୯ରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଲ୍ଲେଖନୀୟ ପ୍ରୟାସ ଓ ନିର୍ଦ୍ଦେଶକ୍ରମେ ଏକ କୁଭି ଓ ଦେଶିଆ ପୁସ୍ତକ ପ୍ରାଥମିକ ସ୍ତରରେ ପ୍ରସ୍ତୁତି ହେବା ସହ ଭୁବନେଶ୍ୱରରେ ଉନ୍ମୋଚନ ହୋଇଯାଇଛି । ଶିକ୍ଷା କ୍ଷେତ୍ରରେ ଏହି ସ୍ୱଦେଶୀ-ଜନଜାତି ଭାଷା ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରୋତ୍ସାହନ ଦିଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଶିକ୍ଷା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଏହି ଅବସରରେ ଉପସ୍ଥିତ ରହିବେ । ଭୁବନେଶ୍ୱର ଏନସିଇଆରଟିର ଆରଆଇଇ ଅଧକ୍ଷ ପ୍ରଫେସର ପିସି ଅଗ୍ରୱାଲ;. କୁଭି ଓ ଦେଶିଆ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜକ ଡ. ରଶ୍ମୀରେଖା ସେଠୀ; ବିଶ୍ୱବିଦ୍ୟାଳୟର ଭାଷା ବିଦ୍ୟାଳୟର ଡିନ୍ ତଥା ରେଜିଷ୍ଟ୍ରାର ଆଇ/ସି ପ୍ରଫେସର ଏନ୍.ସି ପଣ୍ଡା; କୁଭି ଓ ଦେଶିଆ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସ୍ଥାନୀୟ ସଂଯୋଜକ ଡ. କପିଳା ଖେମୁଣ୍ଡୁ; ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସହ ସଂଯୋଜକ ଡ. ରୁଦ୍ରାଣୀ ମହାନ୍ତି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ଏହି



କାର୍ଯ୍ୟକ୍ରମରେ ବହୁଭାଷୀ ଶିକ୍ଷାର ଉପଦେଷ୍ଟା ଡ. ମହେନ୍ଦ୍ର କୁମାର ମିଶ୍ର; ଶିକ୍ଷା ସମ୍ବଳ ବିଶେଷଜ୍ଞ (ଇଆରପି) ଶ୍ରୀ ଶିବ ଶଙ୍କର ପଟ୍ଟନାୟକ, ଡ. ରାଜେନ୍ଦ୍ର ପାଢ଼ୀ, ତ୍ରିନାଥ ଖୋରା ଓ ସୁରେଶ ଖୋରା ପ୍ରମୁଖ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗନେବେ । କୋରାପୁଟ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ଶିଖା ପ୍ରଦାନ କରୁଥିବା କୁଭି ଓ ଦେଶୀ ଭାଷାରେ ଦକ୍ଷ ୬୦ ଜଣ ଉତ୍ସର୍ଗୀକୃତ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିବେ । ଏହି ତିନି ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏହି ଶିକ୍ଷକମାନଙ୍କୁ ସେମାନଙ୍କ ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନୀୟ ଭାଷା ଶିକ୍ଷା ଅଭିଜ୍ଞତା ବୃଦ୍ଧି କରିବା ପାଇଁ ଅମୂଲ୍ୟ ଦକ୍ଷତା ପ୍ରଦାନ କରିବା । ଏହି ଐତିହାସିକ ପ୍ରୟାସର ମୂଳରେ ରହିଛି ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ଶିକ୍ଷାରେ ସ୍ଥାନୀୟ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେବା, ଯାହା କି ୨୦୨୦ର ଜାତୀୟ ଶିକ୍ଷା ନୀତିରେ ଦୃଢ଼ ଭାବରେ ସ୍ଥାପିତ ହୋଇଛି । ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାର ଦେଶିଆ ଓ କୁଭି ଭାଷାଭାଷୀ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ସଶକ୍ତ କରିବା ପାଇଁ ଏହା ହେଉଛି ପ୍ରଥମ କାର୍ଯ୍ୟକ୍ରମ ।

# ପୂର୍ବତନ ମନ୍ତ୍ରୀ ଦୀନବନ୍ଧୁ ସାହୁଙ୍କ ୪୩ତମ ସ୍ମରଣ ଉତ୍ସବ

କେନ୍ଦ୍ରାପଡ଼ା, ୦୮/୧୦ (ନି.ପ୍ର): କେନ୍ଦ୍ରାପଡାର ବରପୁତ୍ର, ଓଡିଶାର ପୂର୍ବତନ ଶିଳ୍ପ,କୃଷି ଓ ଆଇନ ମନ୍ତ୍ରୀ, ବିଶିଷ୍ଟ ଆଇନଜୀବି ତଥା ପୂର୍ବତନ ଆଡଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁ ଙ୍କ ୪୩ତମ ସ୍ମରଣ ଉତ୍ସବ ପାଳିତ ହୋଇଯାଇଛି । ଜିଲ୍ଲାର ସାମୁହିକ ବିକାଶ ସହ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରତିଷ୍ଠା, ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନର ସୁବିଧା କରିବା ସହ କେନ୍ଦ୍ରାପଡା ରେ ଶିଳ୍ପାଂଚଳ, ବଳଦେବଜୀଉ ପାଠ୍ୱାରଲୁମ୍, ବିଚାର ବିଭାଗରେ ନୂତନ କୋର୍ଟ ପ୍ରତିଷ୍ଠା ଓ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରିବା ସହ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସେ କରିଥିଲେ । ସେ ସମୟରେ କୃଷିର ଉନ୍ନତି ପାଇଁ ଜଜାଙ୍ଗ ଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ କେନ୍ଦ୍ରାପଡାରେ ଇଞ୍ଜିନିଅରିଂ ସ୍କୁଲ ପ୍ରତିଷ୍ଠା କରିଥିଲେ । ପରବର୍ତି ସମୟରେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସେହି ଇଞ୍ଜିନିଅରିଂ ସ୍କୁଲଟି କେନ୍ଦ୍ରାପଡାରୁ ଅନ୍ୟତ୍ର ଉଠିଯାଇଥିଲା । ପରେ ତାଙ୍କରି ଉଦ୍ୟମରେ ଇଞ୍ଜିନିଅରିଂ ସ୍କୁଲର ସମସ୍ତ କୋଠାବାଡି ଓ ଭୂସମ୍ପତିକୁ କେନ୍ଦ୍ରାପଡା ମହାବିଦ୍ୟାଳୟକୁ ରାଜ୍ୟ ସରକାର ହସ୍ତାନ୍ତର କରିଥିଲେ । ସେ ଓକିଲାତି ଜୀବନରେ ସ୍ୱାଧୀନତା ସଂଗ୍ରାମ ସମୟରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜା ଆନ୍ଦୋଳନ ନେତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମୋକଦ୍ଦମାରେ ସେମାନଙ୍କ ପାଇଁ ଅଦାଲତରେ ବିନା ପାରିଶ୍ରମିକରେ ଲଢ଼ି ନ୍ୟାୟ ଦେବାରେ ସହାୟକ ହୋଇଥିଲେ ବୋଲି ଶ୍ରାଦ୍ଧୋତ୍ସବ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡା ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ସ୍ୱର୍ଗତ ସାହୁଙ୍କ ଆବକ୍ଷ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇ ଥିଲା । ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁଙ୍କ ଆବାହକତ୍ୱରେ ଏବଂ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଅଧ୍ୟାପକ ଅଜୟ କୁମାର ସାମଲ, ଡଃ. ବାସୁଦେବ ଦାସ, ଧ୍ରୁବ ଚରଣ ଜେନା, ସାମ୍ବାଦିକ ଆଶିଷ ସେନାପତି, ବଳଦେବ ପ୍ରସାଦ ସାମନ୍ତରାୟ, ରମଣୀରଞ୍ଜନ ରାଉତରାୟ, ପ୍ରଦୀପ ମହାନ୍ତି, ଧିରେନ୍ଦ୍ର କୁମାର ଦାସ, ଦିନେଶରାଜ ସିଂ, ବଂଶୀଧର ମହାନ୍ତି, ରେବତୀରମଣ ଦାସ, ହିରଣ୍ୟ କୁମାର ପଣ୍ଡା, ମୁକ୍ତାର ଖାଁ, ବିପଦଭଞ୍ଜନ ଦାସ, ଗୟାଧର ଧଳ, ଶୁକଦେବ ସାହୁ, ଶୁକଦେବ ଦାସ, ଶକ୍ତିକାନ୍ତ ପାତ୍ର, ଶାନ୍ତି ସ୍ୱରୁପ ଭୂୟାଁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିବା ବେଳେ ସମାଜସେବୀ ରାଜେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସିନ୍ଦୂର ବାଜାଲରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

ବଲାଙ୍ଗୀର, ୦୮/୧୦ (ନି.ପ୍ର): ସିନ୍ଦୁର ବାହାଲ ଶିବ ମନ୍ଦିର ପରିସରରେ ସର୍ବ ଭାରତୀୟ କେନ୍ଦ୍ର ସରକାର ପେନସନ ଭୋଗୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖା ବଲାଙ୍ଗୀର ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସମ୍ପାଦକ ବୃଷଭ ସା ଓ କୋଷାଧ୍ୟକ୍ଷ ରାହାସ ବିହାରୀ ଭୋଇଙ୍କ ତତ୍ତ୍ୱାବଧାନରେ ସଂଘ କର୍ମକର୍ତା ଗଣ ଶ୍ରମଦାନ ଦେଇ ମନ୍ଦିର ପରିସରରେ ପଡ଼ିଥିବା ଆବର୍ଜନା ଘାସ, ପତ୍ର ସଫା କରିବା ସହିତ ସ୍ୱଚ୍ଛତା ଶପଥ ପାଠ କରିଥିଲେ । ଏଥିରେ ସଂଘର ଲକ୍ଷିନ୍ଦ୍ର ପୁଟେଲ, ମଧୁ ମିର୍ଦ୍ଧା, ରମାକାନ୍ତ ପାଣିଗ୍ରାହୀ, ଦିପକ ମାଝି, ମନୋରଞ୍ଜନ ତ୍ରିପାଠି, ବୃନ୍ଦାବନ ରଣା, ଚମ୍ପେଶ୍ୱର ମିଶ୍ର, ଜଗବନ୍ଧୁ ସାହୁ, ବିଦେଶି ସାହୁ, କ୍ଷିରୋଦ୍ର ମେହେର, ଜଗ, ପ୍ରଦୀପ କୁମାର ପାଣିଗ୍ରାହି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ରମାକାନ୍ତ ପାଣିଗ୍ରାହୀଙ୍କ ବିଶେଷ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବଲାଙ୍ଗୀର ବିଜେଡି ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ବିଶାଳ ରାଲି

ବଲାଙ୍ଗିର, ୦୮/୧୦ (ନି.ପ୍ର): ଆଜି ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳିର ବିଜୁ ଜନତାଦଳ ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନେଇ ସହରରେ ଏକ ବିଶାଳ ଶୋଭାଯାତ୍ରା କରାଯାଇ କୋସଲ କଳାମଣ୍ଡଳ ପଡିଆଠାରେ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା/ପୁରୁଷଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗତ ଅକ୍ଟୋବର ୨ ତାରିଖରୁ ବିଜେଡି ପକ୍ଷରୁ ଚାଲିଥିବା ଜନସଂମ୍ପର୍କ ପଦଯାତ୍ରା କରାଯାଇ କର୍ମୀଙ୍କୁ ଯୋଡା ଯାଇଥିବା ବେଳେ ଆଜିର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ବଲାଙ୍ଗୀର ରାଜପରିବାରର ଶକ୍ତିପ୍ରଦର୍ଶନ ବୋଲି କୁହାଯାଉଛି । ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା, ଗତ ଗୋଟିଏ ବର୍ଷ ଧରି ନିର୍ବାଚନମଣ୍ଡଳୀରୁ ଦୂରେଇ ରହୁଥିବା ଅର୍କେଶ ନାରାୟଣ ସିଂଦେଓ ଆଜି ଶିଶୁଉଦ୍ୟାନର ବିଜୁ ପଟ୍ଟନାୟକ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ତାଙ୍କର ପଦଯାତ୍ରା ଆରମ୍ଭ କରିଥିଲେ । ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ସାଂସଦ ତଥା କଳିକେଶ ନାରାୟଣ ସିଂଦେଓ ସ୍ଥାନୀୟ ବିଜୁପଟ୍ଟନାୟକ ଶିଶୁଉଦ୍ୟାନରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ । ଶୋଭାଯାତ୍ରା କୋସଳ କଳା ମଣ୍ଡଳ ପଡିଆଠାରେ ପହଂଚି ଥିଲା । ସେଠାରେ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତିଙ୍କ ସଭାପତିତ୍ୱ ଓ ପୂର୍ବତନ କାର୍ଯ୍ୟକାରୀ ସଭାପତି ଭବାନୀଶଙ୍କର ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଜେଡି ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ମୁଖ୍ୟଅତିଥି, ବରେଣ୍ୟ ଅତିଥି ଭାବରେ ବରିଷ୍ଠ ନେତା ଅନଙ୍ଗଉଦୟ ସିଂଦେଓ, ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶନାରାୟଣ ସିଂଦେଓ, ମହିଳା ନେତ୍ରୀ ଦମୟନ୍ତି ବାଗ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ପ୍ରଦ୍ୟୁତ ମିଶ୍ର, କୈଳାଶ ମହାନ୍ତି, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ବଲାଙ୍ଗୀର ସଦର ବ୍ଲକ ଅଧକ୍ଷ ସରିତା ବାଗ, ପୂର୍ବତନ ଅଧକ୍ଷ ଗୋଲାପ ବାଗ, ଯୁବବିଜେଡି ସଭାପତି ରାଜେନ୍ଦ୍ର ହୋତା, ଛାତ୍ରବିଜେଡିର ସୁମନ ନନ୍ଦ, ଦେଓଗାଁ ବ୍ଲକ ସଭାପତି ସୁଶୀଳ ଚାନ୍ଦ, ବଲାଙ୍ଗୀର ସଦରବ୍ଲକ ସଭାପତି ନୀହାର ବେହେରା, ବଲାଙ୍ଗୀର ନଗର ସଭାପତି ଶମ୍ଭୁ ନାଗ, ଜିଲ୍ଲା କୃଷକ ସଭାପତି ଅଜୟ ଦାସ, ପାଟଣାଗଡର ଯୁବନେତା ଶିବାନନ୍ଦ ପରିଚ୍ଛା, ମୁରିବାହାଲର ହଂସରାଜ ଜୈନ, କଣ୍ଟାବାଞ୍ଜିର ଗିରିରାଜ ସିଂମାଝୀ, ଉଦ୍ଧବ ବେହେରା, ଅଜିତ ଯୋଷୀ, ପୁଇଁତଲା ବ୍ଲକ ଅଧକ୍ଷ ସରୋଜ ପଧାନ, ଲୋଇସିଂହାର ନବକିଶୋର ବେହେରା ପ୍ରମୁଖ ମଂଚାସୀନ ଥିଲେ । ସଭାରେ ମୁଖ୍ୟଅତିଥି ସୁଶାନ୍ତ ସିଂ, ବିଜୁଜନତା ଦଳ ଗଠନ ସମୟରେ ଅନଙ୍ଗଉଦୟଙ୍କ ଭୂମିକା ଓ ମୁଖ୍ୟମନ୍ତ୍ରୀ ନବୀନଙ୍କ ସାଙ୍ଗରେ ତାଙ୍କର ସମ୍ପର୍କ ବିଷୟରେ କହିଥିଲେ ଓ ବିଜେଡି ଅମଳରେ ରାଜ୍ୟ ତଥା ବଲାଙ୍ଗୀର ଜିଲ୍ଲାର ହୋଇଥିବା ବିକାଶ ପ୍ରକଳ୍ପ ଉପରେ କହିଥିଲେ । ଅନଙ୍ଗଉଦୟ ସିଂଦେଓ ତାଙ୍କ ବକ୍ତବ୍ୟରେ ନବୀନ ପଟ୍ଟନାୟକ ଅମଳରେ ହୋଇଥିବା ବିକାଶ ପ୍ରକଳ୍ପ ଉପରେ କହି ବିରୋଧି ଏଥିରେ କେବଳ ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ । ସେହିପରି ଗତ ୯ବର୍ଷରେ ବଲାଙ୍ଗୀରକୁ ବିହାର ଭଳି ଅପରାଧିପ୍ରବଣ ଅଂଚଳ କିଏ କରୁଛି ଓ ଜମିମାଫିଆଙ୍କୁ ସହାୟତା କରୁଛି ଜନସାଧାରଣ ଅବଗତ ହେବା କଥା ବୋଲି କହି ବିରୋଧି ପକ୍ଷଙ୍କୁ ଟାର୍ଗେଟ କରିଥିଲେ । ସେହିପରି ବରିଷ୍ଠନେତା ଲକ୍ଷ୍ମଣକୁମାର ମେହେର ତାଙ୍କ ବକ୍ତବ୍ୟରେ ସୋନଗଡ ନଦୀରେ ହୋଇଥିବା ୭ଟି ବ୍ରିଜ, ମଠମନ୍ଦିରର ବିକାଶ, ସ୍କୁଲ ଗୁଡିକର ରୂପାନ୍ତରିକରଣ, ରାସ୍ତା ଉନ୍ନତିକରଣ, ମେଡିକାଲ କଲେଜ, ଲୋୟର ସୁକତେଲର ଉଦାହରଣ ଦେଇ ନବୀନ ପଟ୍ଟନାୟକ ଓ ଅନଙ୍ଗଉଦୟ ସିଂଦେଓଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେ ବିରୋଧିଙ୍କୁ ଟାର୍ଗେଟ କରି କହିଲେ ଯେ, ବଲାଙ୍ଗୀର ବିଧାୟକ କେବଳ ରାଜ ପରିବାର, ବିଡିସିସି ବ୍ୟାଙ୍କ ଓ ଏବେ ପୌରପାଳିକା ବିରୋଧରେ କହି କହି ତାଙ୍କ ସମୟ ଅପଚୟ କରୁଛନ୍ତି । ସେ ବିକାଶ କେତେବେଳେ କଲେ ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ଅନ୍ୟ ବକ୍ତାଗଣ ମଧ୍ୟ ତାଙ୍କ ବକ୍ତବ୍ୟରେ ଆଗାମୀ ୨୦୨୪ ନିର୍ବାଚନରେ କଳିକେଶଙ୍କୁ ସାଂସଦ ଓ ଅର୍କେଶଙ୍କୁ ବିଧାୟକ ଭାବରେ ଜିଣାଇବାକୁ କର୍ମୀଙ୍କୁ ଉତ୍ସାହିତ କରିଥିଲେ । ଏହି ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗାୟକ କଳାକାର ଉମାକାନ୍ତ ବାରିକ ଓ ତାଙ୍କ ଟିମ ଦର୍ଶକଙ୍କୁ ନାଚ ଗୀତ କରି ମନୋରଂଜନ କରି ଥିଲେ ।

# କୃଷକ ପଞ୍ଚାୟତ ଜରିଆରେ ମୋଦୀ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସଂପର୍କରେ ବୁଝାଇବ ବିଜେପି

ଭୁବନେଶ୍ୱର, ୦୮/୧୦ (ନି.ପ୍ର): ରାଜ୍ୟର ପ୍ରତି ପଞ୍ଚାୟତରେ କୃଷକ ପଞ୍ଚାୟତ କରିବ ବିଜେପି କିଷାନ ମୋର୍ଚ୍ଚା । ଲୋକଙ୍କୁ ଏକାଠି କରି କେନ୍ଦ୍ରର ମୋଦୀ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସଂପର୍କରେ ବୁଝାଇବ । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି କିଷାନ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ । ରାଜ୍ୟ ବିଜେପି କିଷାନ ମୋର୍ଚ୍ଚା ସଭାପତି କହିଛନ୍ତି, ଗତ ୯ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷକମାନଙ୍କ ଲାଗି ଯୋଗାଇଥିବା ସହାୟତା ସଂପର୍କରେ ଲୋକଙ୍କୁ ବୁଝାଯିବ । ଏହାସହ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଆଉ କେନ୍ଦ୍ରରୁ ଆସୁଥିବା କୃଷକଙ୍କ ପାଖରେ ନ ପହଞ୍ଚିବା ନେଇ ଲୋକଙ୍କୁ ସଚେତନ କରିବେ କୃଷକ ମୋର୍ଚ୍ଚା ସଦସ୍ୟ । ୨୦୨୪ ସାଧାରଣ ନିର୍ବାଚନ ଲାଗି ଆଜି



ବସିଥିବା ବିଜେପି ରାଜ୍ୟ କିଷାନ ମୋର୍ଚ୍ଚା ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଆଜି ରାଜ୍ୟ କାର୍ଯ୍ୟାଳୟରେ ବସିଥିବା ବିଜେପି କିଷାନ ମୋର୍ଚ୍ଚା ବୈଠକରେ ସବୁ ଜିଲ୍ଲାର କିଷାନ ମୋର୍ଚ୍ଚା ଜିଲ୍ଲା ସଭାପତି, ଜିଲ୍ଲା ପର୍ଯ୍ୟବେକ୍ଷକଙ୍କ ସହ କାର୍ଯ୍ୟକର୍ତାମାନେ ଯୋଗଦେଇଥିଲେ । ରାଜ୍ୟ ବିଜେପି ସଂଗଠନ ସଂପାଦକ ମାନସ ମହାନ୍ତି, କିଷାନ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ସଫଳ କୃଷକ କଲ୍ୟାଣ ଯୋଜନା ଓ ରାଜ୍ୟରେ କୃଷକଙ୍କ ଉନ୍ନତି ଆଉ ଚାଷୀଙ୍କ ଆୟ ଦୁଇ ଗୁଣ କରିବାରେ ବିଫଳତା ଉପରେ ଆଲୋଚନା ହୋଇଛି ।

# ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



ଭଦ୍ରକ, ୦୮/୧୦ (ନି.ପ୍ର): ମ୍ୟୁନିସିପାଲିଟି ଅନ୍ତର୍ଗତ ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ମଠସାହୀ ମହାବୀର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଦୀପ୍ତିବାଳା ଦାସ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବୁଦ୍ଧିଂ ବଡ଼ ସ୍କୁଲର ବିଜ୍ଞାନ ଶିକ୍ଷକ ସୁଜିତ କୁମାର ରାଉତ ଯୋଗଦେଇ ସାମ୍ପ୍ରତିକ ସମାଜରେ ବିଜ୍ଞାନର ମୂଲ୍ୟବୋଧ ଭିତ୍ତିକ ତଥ୍ୟ ପିଲାମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ଗୟାଧର କର ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରରେ ଏବଂ ରାଜ୍ୟସ୍ତରରେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଲଗାତର ସଫଳତା ପାଇ ଆସୁଥିବା ବିଷୟ ଘୋଷଣା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ବେହେରା ଆୟୋଜିତ କାର୍ଯ୍ୟ କ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜେନା ଓ ଶିକ୍ଷକ ଶ୍ରୀକାନ୍ତ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ନିରୂପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଜ୍ଞାନ ବିଜ୍ଞାନ ମେଳାରେ ୩ ଟି ବିଭାଗରେ ମୋଟ ୪୧ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଛାତ୍ରୀଛାତ୍ରୀମାନେ ସାମ୍ପ୍ରତିକ ସମାଜକୁ ନେଇ ସ୍ୱାସ୍ଥ୍ୟ,ଜଳ, ପରିବେଶ ପ୍ରଦୂଷଣ ଓ ସୁରକ୍ଷା, ମୃର୍ତ୍ତିକା ସଂରକ୍ଷଣ,ଜୀବ ଜଗତ, ସଜୀବ ଓ ନିର୍ଜୀବ ଆଦି ବିଭିନ୍ନ ବିଭାଗରେ ସୁନ୍ଦର ସୁନ୍ଦର ପ୍ରକଳ୍ପ ପ୍ରସ୍ତୁତ କରି ବିଚାରକ ମାନଙ୍କ ମନକୁ ଛୁଇଁ ପାରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାମାନେ ଓ ଅପା କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ। ଏଥିରେ ବିଦ୍ୟାଳୟର ଅଭିଭାବକ ମାନଙ୍କ ମଧ୍ୟରେ ଖୁବ ଆଗ୍ରହ ଉଦପନ୍ନଆ ଓ ସହଯୋଗ ଦେଖିବାକୁ ମିଳିଥିଲା। ସେମାନେ ନିଜ ନିଜର ପିଲାମାନଙ୍କୁ ଯତ୍ନର ସହ ପ୍ରକଳ୍ପ ପ୍ରସ୍ତୁତ କରାଇ ଆଣିଥିଲେ।

# ଶ୍ରୀରାମପୁର କାଳିଚରଣ ହାଇସ୍କୁଲର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ



ଲଙ୍ଗଳେଶ୍ୱର, ୦୮/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମରେ ଅବସ୍ଥିତ ପୁରାତନ କାଳିଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ଆଜି ପୁରାତନ ଛାତ୍ର ଡ. ସଞ୍ଜୟ କୁମାର ଦେଙ୍କ ବାଲେଶ୍ୱରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ପୁରାତନ ଛାତ୍ର ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ । ବୈଠକରେ ହୀରକ ଜୟନ୍ତୀ ଆୟୋଜନ ନେଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ପୂର୍ବ ନିର୍ଦ୍ଧାରିତ ଡିସେମ୍ବର ମାସ ୨୩,୨୪ ଏବଂ ୨୫ ତାରିଖରେ ହୀରକ ଜୟନ୍ତୀ ସମାରୋହ ପାଳନ କରାଯିବାର ନିଷ୍ପତି ନିଆଯାଇଥିଲା । ସ୍ମରଣିକାରେ ପ୍ରକାଶ ପାଇଁ ଆଗ୍ରହୀ ପୁରାତନ ଛାତ୍ରଛାତ୍ରୀ ଶିକ୍ଷକ,ଶିକ୍ଷୟିତ୍ରୀମାନେ ସ୍ମୃତି ଅନୁଭୂତି, ପ୍ରବନ୍ଧ, କବିତା ଏବଂ ଗଳ୍ପ ବିଷୟରେ ଲେଖା ଆହ୍ୱାନ କରିବାର ନିଷ୍ପତି ନିଆଗଲା । ବିଦ୍ୟାଳୟ ନିକଟସ୍ଥ ସମସ୍ତ ଗ୍ରାମକୁ ଯାଇ ଏହି ବାର୍ତ୍ତା ସମସ୍ତ ପୁରାତନ ଛାତ୍ରଛାତ୍ରୀ,ଅଭିଭାବକ ଓ ଶୁଭେଚ୍ଛୁମାନଙ୍କୁ ଜଣାଇବାର ସିଦ୍ଧାନ୍ତ ନିଆଯାଇଥିଲା । ହୀରକ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଆଗାମୀ ଦିନରେ ବିଦ୍ୟାଳୟ ପରିସରରେ ସମସ୍ତଙ୍କୁ ନେଇ ଏକ ବୈଠକ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଇଂ ପରମାନନ୍ଦ ଜେନା,ଇଂ ସୁଶାନ୍ତ କୁମାର ବେହେରା,ଇଂ ବିଜୟ କୁମାର ସେଠୀ,ପୁରାତନ ଛାତ୍ରୀ କୃଷି ବୈଜ୍ଞାନିକ ଡ. ଅମିତା ପାତ୍ର,ସଂଯୁକ୍ତା ଦାସ,କଳ୍ପନା ସାହୁ ,ଶିକ୍ଷକ ସଞ୍ଜୟ କୁମାର ବେହେରା,ପାର୍ଥ ସାରଥୀ ବେହେରା,ସଞ୍ଜିବ୍ କୁମାର ଜେନା, ଶିକ୍ଷାବିତ୍ ଯୁଗଳ କିଶୋର ପାତ୍ର,ବିଦ୍ୟାଳୟର ଆଲୁମିନି ସଭାପତି ନିଶିଥ୍ କୁମାର ଦେ,ପ୍ରଶାନ୍ତ କୁମାର ସାହୁ,ସଞ୍ଜୟ କୁମାର ବେହେରା,ପ୍ରକାଶ ଚନ୍ଦ୍ର ଦାସ ,ଜୟନାରାୟଣ ଜେନା ପ୍ରମୁଖ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବୈଠକରେ ଯୋଗ ଦେଇ ପ୍ରତ୍ୟକ୍ଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରୂପସା ଷ୍ଟେସନ କଲୋନିରେ ବ୍ରହ୍ମଯଜ୍ଞ




ରୂପସା , ୦୮/୧୦ (ନି.ପ୍ର): ରୂପସା ଷ୍ଟେସନ କଲୋନୀ ସ୍ଥିତ ,ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ବାସଭବନରେ,ତାଙ୍କର ସୁ ପୁତ୍ର ମୁନି ଶାନ୍ତନୁ କୁମାର ମିସ୍ତ୍ରୀ-ମୁନିମତୀ ମୋନାଲିସା ମିସ୍ତ୍ରୀଙ୍କର ଏକମାତ୍ର ସୁ ପୁତ୍ର ଆୟୁଷ୍ମାନ୍ ମୁନିକୁମାର ତ୍ରୀଶାନ୍ ଙ୍କର ୫ ମ ଶୁଭ ଜନ୍ମଦିନ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି। ଅତିଥି ହିସାବରେ ଯୋଗଦାନ କରିଥିଲେ, ପରମ ସମ୍ମାନନୀୟ ଶ୍ରୀଯୁକ୍ତ ସୋମନାଥ ରଣା ଏବଂ ଶ୍ରୀଯୁକ୍ତ ନିତେଶ କୁମାର ରଣା ମହୋଦୟ ।ବକ୍ତା ହିସାବରେ ଯୋଗଦାନ କରିଥିଲେ,ସମ୍ମାନନୀୟ ଶ୍ରୀଯୁକ୍ତ ନିରଞ୍ଜନ ବାରିକ୍ ମହୋଦୟ ଏବଂ କୁମାରୀ ପ୍ରିୟଦର୍ଶନୀ ବାରିକ ମହୋଦୟା । ଉପସ୍ଥିତ ଥିଲେ, ମୁନିମତୀ ସୁକାନ୍ତି ମିସ୍ତ୍ରୀ,କୁମାରୀ ମୋନାଲିସା ମିସ୍ତ୍ରୀ,ଅଭିଷେକ ମିସ୍ତ୍ରୀ ଏବଂ ଦିବ୍ୟକୃତୀ ମିସ୍ତ୍ରୀ ପ୍ରମୁଖ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ, ମୁନି କୁମାର ତ୍ରୀଶାନ୍ ଙ୍କୁ, ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଉଜ୍ଜ୍ୱଳ ଭବିଷ୍ୟତ ର ଶୁଭ ସମୂହ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଜେଜେମା ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, ନାତି ଉପରେ ଆଶୀର୍ବାଦର ପୁଷ୍ପ ବୃଷ୍ଟିକରି, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି, ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ଗହମ ଯୋଗାଣ ବନ୍ଦ ଥିବାରୁ ଛତୁଆ ବଣ୍ଟନ ଠପ୍ : ହିତାଧିକାରୀଙ୍କୁ ମିଳୁଛି ସୁଜି ଓ ଲଡୁ

ଜଳେଶ୍ୱର , ୦୮/୧୦ (ନି.ପ୍ର): ଜଳେଶ୍ୱର ବ୍ଲକ ଓ ପୌରାଞ୍ଚଳରେ ରହିଛି ମୋଟ ୩୮୦ଟି ଅଙ୍ଗନୱାଡି କେନ୍ଦ୍ର । ପ୍ରତି ଇଂରାଜୀ ମାସ ଶେଷ ତାରିଖ ସୁଦ୍ଧା ଗର୍ଭବତୀ, ପ୍ରସୂତୀ ମହିଳା ଓ ୭ ମାସରୁ ୩ବର୍ଷର ଶିଶୁ ମାନଙ୍କୁ ଛତୁଆ ସହିତ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ମିଳିଥାଏ । କିନ୍ତୁ ଜଳେଶ୍ୱର ବ୍ଲକର ଥିବା ଅଂଗନୱାଡି କେନ୍ଦ୍ରରେ ସୁଜି ଓ ଲଡୁ ମିଳିଥିବା ବେଳେ ଛତୁଆ ନ ମିଳିବାଯୋଗୁଁ ଅସନ୍ତୋଷ ବୃଦ୍ଧି ଘଟିଛି । ଅଙ୍ଗନୱାଡି କର୍ମୀମାନଙ୍କ ଦ୍ୱାରା ସୁଜି ଓ ଲଡୁ ବଣ୍ଟନ ହୋଇଥିବା ବେଳେ ଅଣ୍ଡାର ମୂଲ୍ୟବୃଦ୍ଧି ଯୋଗୁଁ ବିତରଣରେ ସମସ୍ୟା ଦେଖାଦେଉଥିବା ଜଣାଯାଇଛି । ଏ ସଂପର୍କରେ ଆଇସିଡିଏସ୍‌ର ସୁପରଭାଇଜର ବିନତା ସିଂକୁ ପଚାରିବାରୁ ସରକାରଙ୍କ ଚିଠି ଅନୁସାରେ ଗହମ ଏଲଟମେଣ୍ଟ ହୋଇନଥିବାରୁ ଛତୁଆ ଯୋଗାଉଥିବା ସଂସ୍ଥା ନକଟରେ ମହଜୁଦ ଥିବା ଗହମରୁ ୭୦ଟି ଅଂଗନୱାଡି କେନ୍ଦ୍ରକୁ ଛତୁଆ ପଠାଯାଇଛି । ସରକାର ଗହମ ଯୋଗାଇଲେ ଛତୁଆ ବଣ୍ଟନ ହେବ ବୋଲି କହିଛନ୍ତି ।

## ବିଜେପି ପକ୍ଷରୁ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଖଇରା, ୦୮/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଠାରେ ବିଜେପିର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଜେପି ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ,ଡୁଙ୍ଗୁରା ସମିତିସଭ୍ୟ ଶିଶିର କୁମାର ସାମଲ,ସୁଣ୍ଡିରା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ହରିଶଚନ୍ଦ୍ର ପରିଡା,ଡାଲଙ୍ଗ ସରପଞ୍ଚ ଅଜୟ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନରେ ଅଭୁତପୁର୍ବ ବିକାଶ ହୋଇଥିବା ପ୍ରକାଶ କରିଥିଲେ । ଶେଷରେ ନିକଟରେ ସଙ୍ଗଠନରେ ଯୋଡି ହୋଇଥିବା କୋଷାଧକ୍ଷ ଇଂ ରାଜେଶ ମହାକୁଡ, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ବେହେରା, ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ବେହେରା, ଗଣମାଧ୍ୟମ କ୍ଲଷ୍ଟର ସଂଯୋଜକ ନିଗମାନନ୍ଦ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମାୟାଧର କୁଅଁର,ଲକ୍ଷ୍ମଣ ନାୟକ,ସୁମନ୍ତ ନାୟକ,ଗୌତମ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଧର୍ମେନ୍ଦ୍ରଙ୍କ ପାଇଁ ସହଜ ହୋଇପାରେ ସମ୍ବଲପୁର



ସମ୍ବଲପୁର, ୦୮/୧୦ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥର ଓଡ଼ିଶାରୁ ଲୋକସଭା ନିର୍ବାଚନ ଲଢ଼ିବା ନେଇ ଆଗ୍ରହ ପ୍ରକାଶ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଧର୍ମେନ୍ଦ୍ରଙ୍କ ନଜରରେ ଢେଙ୍କାନାଳ ଓ ସମ୍ବଲପୁର ଲୋକସଭା ଆସନ ରହିଥିବା କୁହାଯାଉଛି। ତେବେ, ଢେଙ୍କାନାଳ ଅପେକ୍ଷା ସମ୍ବଲପୁରରୁ ତାଙ୍କ ବିଜୟ ଅଧିକ ସହଜ ହୋଇପାରେ ବୋଲି ରାଜନେ?ତିକ ମହଲରେ ଆକଳନ କରାଯାଉଛି। ଗତ ୨୦୧୪ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନଙ୍କୁ ୩,୫୮,୬୧୮ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେପିର ସୁରେଶ ପୂଜାରୀଙ୍କୁ ୩,୨୮,୦୪୨ ଖଣ୍ଡ ଭୋଟ ମିଳିଥିଲା। ଅନୁଗୁଳିଆ ନେତା ନଗେନ୍ଦ୍ର ପ୍ରଧାନଙ୍କ ବିଜୟ ପଛରେ ଅନୁଗୁଳ ଜିଲ୍ଲାର ଦୁଇ ବିଧାନସଭା କ୍ଷେତ୍ର ଛେଣ୍ଡିପଦା ଓ ଆଠମଲ୍ଲିକର ଭୋଟ ବେଶ୍ ସହାୟକ ହୋଇଥିଲା। ତେବେ, ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଇଂ. ନଳିନୀକାନ୍ତ ପ୍ରଧାନଙ୍କୁ ଛେଣ୍ଡିପଦା ଓ ଆଠମଲ୍ଲିକରୁ ଅଧିକ ଭୋଟ ମିଳିଥିଲେ ହେଁ ସମ୍ବଲପୁର ଜିଲ୍ଲାରୁ ଆଶାନୁରୂପ ଭୋଟ ନମିଳିବା ତାଙ୍କ ପରାଜୟର ପ୍ରମୁଖ କାରଣ ପାଲଟିଥିଲା। ବିଜେଡି ପ୍ରାର୍ଥୀ ଇଂ. ନଳିନୀକାନ୍ତ ପ୍ରଧାନଙ୍କୁ ୪,୬୪,୬୦୮ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କଠାରୁ ୯୧୬୨ ଖଣ୍ଡ ଅଧିକ ଭୋଟ ପାଇ ବିଜେପି ପ୍ରାର୍ଥୀ ନିତେଶ ଗଙ୍ଗଦେବ ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ତେବେ, ନିତେଶଙ୍କ ଉପରେ ଅଧିକ ବିଶ୍ୱାସ ରଖି ସମ୍ବଲପୁର ଜିଲ୍ଲାବାସୀ ଏବେ ପସ୍ତେଇ ହେଉଥିବା ସର୍ବତ୍ର ଆଲୋଚନା ହେଉଛି। ଏପଟେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଥରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସଭାରେ ନିତେଶଙ୍କ ଉପସ୍ଥିତିରେ ସମ୍ବଲପୁର ଲୋକସଭା କ୍ଷେତ୍ରରୁ ନିର୍ବାଚନ ଲଢ଼ିବାରେ ଆଗ୍ରହ ପ୍ରକାଶ କରିଥିଲେ। ନିତେଶଙ୍କୁ ଏଠାରୁ ପୁଣି ପ୍ରାର୍ଥୀ କରାଗଲେ ବିଜେପିର ବିଜୟ କଷ୍ଟକର ହୋଇଯିବ। ସମ୍ବଲପୁର ଲୋକସଭା କ୍ଷେତ୍ରରେ ଗ୍ରହଣୀୟ ହେଲା ଭଳି ଅନ୍ୟ ଜଣେ ନେତା ହେଉଛନ୍ତି ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଜୟ ନାରାୟଣ ତାଙ୍କ ପାଇଁ ସୁରକ୍ଷିତ ସମ୍ବଲପୁର ବିଧାନସଭା କ୍ଷେତ୍ର ଛାଡ଼ି ଲୋକସଭା ନିର୍ବାଚନ ଲଢ଼ିବାକୁ ଚାହିବେ ନାହିଁ। ସମ୍ବଲପୁର ଲୋକସଭା ସହିତ ବିଭିନ୍ନ ନିର୍ବାଚନରେ ପରାଜୟ ପରେ ବରଗଡ଼ରୁ ବିଜୟର ସ୍ୱାଦ ଚାଖିଥିବା ସାଂସଦ ସୁରେଶ ପୂଜାରୀଙ୍କ ପାଇଁ ବରଗଡ଼ ପ୍ରଥମ ପସନ୍ଦ ହୋଇପାରେ। ଅନ୍ୟପଟେ ନିଜ ଯୁବାବସ୍ଥାର ବହୁ ସମୟ ସମ୍ବଲପୁରରେ ବିତାଇଥିବା ଧର୍ମେନ୍ଦ୍ରଙ୍କ ନିମନ୍ତେ ରାଜନୈତିକ ଦୃଷ୍ଟିକୋଣରୁ ବି ସୁବିଧା ହୋଇପାରେ। ଢେଙ୍କାନାଳ ଲୋକସଭା କ୍ଷେତ୍ରରେ ଆସୁଥିବା ୭ଟି ବିଧାନସଭା କ୍ଷେତ୍ରରେ ବର୍ତ୍ତମାନ ଜଣେ ବି ବିଜେପିର ବିଧାୟକ ନାହାନ୍ତି। ଗତ କେତୋଟି ନିର୍ବାଚନ ହେଲା ବିଜେଡି ଦଖଲରେ ଏହି ଆସନ ରହିଆସିଛି।

# ସୁନା ପଦକ ଧରି ଭଦ୍ରକ ଫେରିଲା ସୁନା ପୁଅ ନିର୍ମଳ



ଭଦ୍ରକ, ୦୮/୧୦ (ନି.ପ୍ର): ୫ମ ବିଶ୍ୱ କପ ଟେନିକୋଏଟ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ଭଦ୍ରକର ନିର୍ମଳ ସେନ ଯୋଗ ଦେଇଥିଲା। ଏହି ଖେଳ ଦକ୍ଷିଣ ଆଫ୍ରିକା ପ୍ରିଟୋରିଆ ରେ ସେପ୍ଟେମ୍ବର ୩୦ ରୁ ଅକ୍ଟୋବର ୭ ତାରିଖ ଯାଏ ହୋଇଥିଲା ।ଏଥିରେ ଭାରତୀୟ ଦଳ ଜର୍ମାନୀକୁ ହରାଇ ଚାମ୍ପିଅନ ହୋଇଥିଲେ। ଆଜି ଅପରାହ୍ନ ୧୨.୫୫ ରେ ଭୁବନେଶ୍ୱର ବିମାନ ବନ୍ଦରରେ ନିର୍ମଳ ପହଞ୍ଚି ଥିଲେ। ଓଡ଼ିଶା ସରକାରଙ୍କ ତରଫରୁ ଶ୍ରୀ ବି କେ ରାଉତ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ ।ରାଜ୍ୟ ସଂଘ ତରଫରୁ ସାଧାରଣ ସମ୍ପାଦକ ଶ୍ରୀ ଏସ କେ ଶିନ୍ନା, ଅଧକ୍ଷ ଗୋଲକ ନାୟକ, କୋଷାଧକ୍ଷ ପ୍ରତାପ ଆଚାର୍ଯ୍ୟ ଓ ଭଦ୍ରକ ଜିଲ୍ଲା ତରଫରୁ ସମ୍ପାଦକ ମନୋଜ ସାହୁ, ବରିଷ୍ଠ ଖେଳାଳି ଲିପନ ଓ ସାଥୀ। ଖେଳାଳିଙ୍କ ସହ ଓଲଙ୍ଗ ଗ୍ରାମ ପଞ୍ଚାୟତ ର ସରପଞ୍ଚ ଶ୍ରୀ ଅକ୍ଷୟ ପ୍ରସାଦ ମହାନ୍ତି ଯୋଗଦେଇ ନିର୍ମଳକୁ ସ୍ୱାଗତ କରିଥିଲେ। ନିର୍ମଳ ଜଣେ ଭିନ୍ନକ୍ଷମ ଭାବେ କଥା ଠିକ୍ ସେ କହି ପାରୁ ନ ଥିବା ବେଳେ ସେ ଜଣେ ଅତ୍ୟନ୍ତ ଗରିବ ପିଲା ଅଟେ। ବାପାଙ୍କୁ ହରାଇଥିବା ଦୁଃଖ ରେ ଭାଙ୍ଗି ନ ପଡ଼ି ସେ ଆଜି ଭଦ୍ରକ, ଓଡିଶା ଓ ଭାରତ ପାଇଁ ଗର୍ବ ଆଣିଛି। ତାଙ୍କୁ କୌଣସି ଏକ ଚାକିରୀ ଦେବାକୁ ଓ କିଛି ଆର୍ଥିକ ସହାୟତା କରିବାକୁ ଭଦ୍ରକ ଜିଲ୍ଲା ସଭାପତି ଅଧ୍ୟାପକ ଗୋଲକ ନାୟକଙ୍କ ସମେତ ଲୋକାଲ ସରପଞ୍ଚ ଶ୍ରୀ ଆଖାୟ ପ୍ରସାଦ ମହାନ୍ତି ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଜଳେଶ୍ୱର-ପୁରୀ ମେମୋ ଲକ୍ଷ୍ମଣନାଥରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ ଲାଗି ରେଳମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି

ଜଳେଶ୍ୱର , ୦୮/୧୦ (ନି.ପ୍ର): ଜଳେଶ୍ୱର-ପୁରୀ ମେମୋ ଟ୍ରେନକୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ସମ୍ପ୍ରସାରଣ ଲାଗି ଷ୍ଟେସନ ଉନ୍ନୟନ କମିଟି ପକ୍ଷରୁ ବାରମ୍ବାର ଦାବି କରାଯାଇ ଆସୁଛି । ଏ ସଂପର୍କରେ ନିକଟରେ ଜଳେଶ୍ୱର ଡାକବଂଗଳାଠାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସାଂସଦ ଏହାର ଗୁରୁତ୍ୱ ଅନୁଭବ କରି ତଥା ରେଳ ଯାତ୍ରୀଙ୍କ ସୁବିଧାଲାଗି ତାଙ୍କ ଚିଠି ନଂ ୨୦୨୩/୨୧୪ରେ ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି । ଏହା ଜଣାଯିବା ପରେ କମିଟି ପକ୍ଷରୁ ସାଂସଦଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଏ ସଂପର୍କରେ ପୂର୍ବରୁ ଦକ୍ଷିଣପୂର୍ବ ରେଳ ପଥର ଜିଏମ୍‌ଙ୍କୁ ଅବଗତ କରାଯାଇଥିଲା । ଏହି ମେମୋ ଟ୍ରେନଟି ସୀମାନ୍ତ ଲକ୍ଷ୍ମଣନାଥରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲେ ଅଂଚଳ ବାସୀ ବହୁ ଉପକୃତ ହେବେ ବୋଲି କୁହାଯାଇଛି ।

# ଫକୀରମୋହନ କଲେଜ୍‌ରେ ପାଭିଲିଅନ ନିର୍ମାଣ ପାଇଁ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହାୟତା




ବାଲେଶ୍ୱର, ୦୮/୧୦ (ନି.ପ୍ର): ଫକୀରମୋହନ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦ କାର୍ଯ୍ୟାଳୟରେ ସଂସଦର ସଭାପତି ଡାକ୍ତର ପ୍ରଭାତଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ସହ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଅଧ୍ୟାପକ ଅଧ୍ୟାପିକାମାନଙ୍କର ଅଭାବ ସାଙ୍ଗକୁ ଛାତ୍ରଛାତ୍ରୀମାନଙ୍କର ଜ୍ଞାନାର୍ଜନରେ ନିସ୍ପୃହତା ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଛାତ୍ର ସଂସଦ ତରଫରୁ ସାଂସଦଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସଙ୍ଗେସଙ୍ଗେ ଫକୀରମୋହନ ବିଦ୍ୟାଳୟକୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଯୋଗୁଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପ୍ରକାଶଥାଉକି ମହାବିଦ୍ୟାଳୟ ପରିସରରେ ଥିବା ବିଜ୍ଞାନ ଭବନର ସମ୍ମୁଖଭାଗରେ ଥିବା ଉତ୍ତରାୟଣ ମଞ୍ଚ ସମ୍ମୁଖରେ ଏକହଜାରରୁ ଉର୍ଦ୍ଧ୍ୱବ୍ୟକ୍ତି ବସିବାର ସୁବିଧା ଥାଇ ଏକ ପ୍ରେକ୍ଷାଳୟ (ପାଭିଲିଅନ୍) ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରିବାକୁ ଛାତ୍ରସଂସଦ ତରଫରୁ ସାଂସଦଙ୍କୁ ଏକ ଅନୁରୋଧପତ୍ର ପ୍ରଦାନ କରାଯାଇଥିଲା। ଏହା ଏକ ମହାନ୍ ଉଦ୍ଦେଶ୍ୟ ଏବଂ ଉତ୍ତମ ପଦକ୍ଷେପ ବୋଲି ସାଂସଦ ପ୍ରକାଶ କରିବା ସଙ୍ଗେସଙ୍ଗେ ପ୍ରେକ୍ଷାଳୟ ନିର୍ମାଣ ପାଇଁ ୨୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସାଂସଦଙ୍କର ଏହି ବଦାନ୍ୟତା ପାଇଁ ଉପସ୍ଥିତ ସମସ୍ତ ବ୍ୟକ୍ତି ସାଂସଦଙ୍କଠାରେ କୃତଜ୍ଞତା ପ୍ରକାଶ କରିଥିଲେ। ପରିଷଦର ଉପଦେଷ୍ଟା ଡ. ସୁବାସ ଚନ୍ଦ୍ର ପାତ୍ର ପରିଷଦର ଇତିହାସ ସମ୍ପର୍କରେ ସାଂସଦଙ୍କୁ ସୂଚନା ଦେଇ ସମଗ୍ର ଓଡ଼ିଶାରେ ଏହା ଏକ ଚର୍ଚ୍ଚିତ ଅନୁଷ୍ଠାନ ବୋଲି ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଘୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସବୁବେଳେ ସହଯୋଗ ପ୍ରଦାନ କରିବାପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିଲ୍ କୁମାର ପଟ୍ଟନାୟକ, ଗୋପାଳ ଚନ୍ଦ୍ର ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ରମାକାନ୍ତ ମହାନ୍ତି, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଶରତ କୁମାର ମିଶ୍ର, ପ୍ରଶାନ୍ତ କୁମାର ପାଢ଼ୀ, ପ୍ରଣିତା ମିଶ୍ର, ଅନସୂୟା ନାୟକ, କଲ୍ୟାଣୀ ନନ୍ଦ, ପୀତାମ୍ବର ଦାସ, ଶୁଭଙ୍କର ମହାପାତ୍ର, ମମତା ମହାପାତ୍ର, ନିଖିଳ ଚନ୍ଦ୍ର ଆଶ, ପାର୍ଥସାରଥୀ ଆଶ୍, ଶୋଭାକର ସାହୁ, ଲକ୍ଷ୍ମୀନାରାୟଣ ଘୋଷ, ଅବନ୍ତୀ ପ୍ରଧାନ ପ୍ରମୁଖ ଏହି ଆଲୋଚନା ସଭାରେ ଯୋଗ ଦେଇଥିଲେ।

# ଶାନ୍ତିକାନନରେ ଅକ୍ଷୟ ସଂଗୀତ ପ୍ରତିଯୋଗିତା



ବାଲେଶ୍ୱର, ୦୮/୧୦ (ନି.ପ୍ର): ବିଶିଷ୍ଟ ସଂଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟସ୍ତରୀୟ ଅକ୍ଷୟ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମହାବିଦ୍ୟାଳୟରୁ ୩୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିବାସ୍ଥଳେ କେନ୍ଦ୍ରୀୟ ମହାବିଦ୍ୟାଳୟର ଶ୍ୱେତାଲିସା ପ୍ରିୟଦର୍ଶିନୀ ପ୍ରଥମ, ନିସ୍ କଲେଜର ମହିମା ଶତପଥୀ ଦ୍ୱିତୀୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ମୃତିସ୍ୱରୂପା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଶିଷ୍ଟ ସଂଗୀତଜ୍ଞ ଅମୃତାଂଶୁ ପଟ୍ଟନାୟକ ଓ ବସନ୍ତ କୁମାର ଦାସ ବିଚାରକ ଭାବେ ଯୋଗଦେଇଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମର ବିଶେଷତ୍ୱ ସଂପର୍କରେ ବକ୍ତବ୍ୟ ରଖିଥିଲେ ଓ କୋଷାଧକ୍ଷ ତପନ ରାୟ ସଂଯୋଜନା କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷଙ୍କ ସମେତ ଡ. ଶିରୀଶ ଚନ୍ଦ୍ର ଜେନା, କଲ୍ୟାଣୀ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୧୨ ତାରିଖ ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ସୋମବାର, ଅକ୍ଟୋବର ୦୯, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଗ୍ରାହକଙ୍କ ଟଙ୍କା ଫେରସ୍ତ କରି ପୁରସ୍କୃତ ହେଲେ ହୋମଗାର୍ଡ

ବାରିପଦା, ୦୮/୧୦ (ନି.ପ୍ର): ବାରିପଦାରେ ଜଣେ ହୋମଗାର୍ଡ ମାନବିକତା ପ୍ରଦର୍ଶନ କରି ଆଜି ପୁରସ୍କୃତ ହୋଇଥିବାର ଜଣାଯାଇଛି। ବାରିପଦା କଚେରୀ ରୋଡ଼ ମୁନିସିପାଲିଟି ନିକଟ ଏଟିଏମକୁ ହୋମଗାର୍ଡ ସଙ୍ଗୀତା ମାର୍ଣ୍ଡି ନିଜର ଟଙ୍କା ଉଠାଇବାକୁ ଯାଇଥିବା ବେଳେ, ଅନ୍ୟଜଣେ ଗ୍ରାହକ ଡାକ୍ତର ନିମାଇଁ ଚରଣ ହାଁସଦା ଅନଏକ ମେସିନରେ ୧୦ହଜାର ଟଙ୍କା ଉଠାଇବା ପାଇଁ ପୂର୍ବରୁ ଏପ୍ଲାଇ କରିଥିଲେ ମାତ୍ର ବିଳମ୍ବ ହେବାରୁ ସେ ଟ୍ରାନଜେକ୍ସନ ଫେଲ ହେବା ଭାବି ପଳାଇ ଯାଇଥିଲେ। ମାତ୍ର ମେସିନରୁ ହଠାତ ଟଙ୍କା ବାହାରିବାର ଦେଖି ହୋମଗାର୍ଡ ଉକ୍ତ ଟଙ୍କାକୁ ସଂଗ୍ରହ କରି ମୟୂରଭଞ୍ଜ ଏସପି ବି। ଗଙ୍ଗାଧରଙ୍କୁ ଘଟଣା ବାବଦରେ ଜଣାଇ ଥିଲେ। ପୋଲିସ ପକ୍ଷରୁ ବ୍ୟାଙ୍କ ସହ ଯୋଗାଯୋଗ କରାଯାଇ ଟଙ୍କାର ପ୍ରକୃତ ମାଲିକ ଡାକ୍ତର ନିମାଇଁ ଚରଣ ହାଁସଦାଙ୍କୁ ଠାବ କରାଯାଇ ଉକ୍ତ ଟଙ୍କା ତାଙ୍କୁ ଫେରସ୍ତ କରାଯାଇଥିଲା। ତେବେ ଏହି ଘଟଣାରେ ଏସପି ଆଜି ଅପରାହ୍ଣରେ ହୋମଗାର୍ଡ ଙ୍କର ଏଭଳି ସାଧୁତା ପୂର୍ଣ୍ଣ କାର୍ଯ୍ୟ ପାଇଁ ତାଙ୍କୁ ୨ହଜାର ଟଙ୍କାର ରିୱାର୍ଡ ସହ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେହିଭଳି ବ୍ୟାଙ୍କ ତରଫରୁ ମଧ୍ୟ ହୋମଗାର୍ଡ ଙ୍କୁ ସମ୍ମାନିତ କରାଯାଇଛି। ଡାକ୍ତର ଜଣକ ନିଜର ଟଙ୍କା ଫେରସ୍ତ ପାଇ ବେଶ ଖୁସି ଥିବା ବେଳେ ହୋମଗାର୍ଡଙ୍କ ସାଧୁତା କୁ ପ୍ରଶଂସା କରିଛନ୍ତି।




## ବାଲେଶ୍ୱର ସଦର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ

ବାଲେଶ୍ୱର, ୦୮/୧୦ (ନି.ପ୍ର): ଆଜି ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଦିବା ୧୧ ଘଟିକାରେ ମିସନ ପଡିଆରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଗାନ୍ଧୀସ୍ମୃତି ଭବନରେ ପହଞ୍ଚିଥିଲ ଏହାପରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ବାଲେଶ୍ୱର ବିଜେଡି ଟାଉନ ସଭାପତି ସନତ ଦାସ ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଂଜନ ବାଗ ସମସ୍ତଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସଭାରେ ମାନ୍ୟବର ମନ୍ତ୍ରୀ ତଥା ବାଲେଶ୍ୱର ବିଜେଡି ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ପ୍ରତାପ ଦେବ ଯୋଗଦେଇ ସମସ୍ତେ ଏକ ମନ ଦେଇ କାମ କଲେ କୌଣସି ବିରୋଧି ଅତି ସହଜରେ ପ୍ରତିରୋଧ କରି ପାରିବ ନାହିଁ, ପୂର୍ବତନ ବାଲେଶ୍ୱର ସାଂସଦ ରବିନ୍ଦ୍ର କୁମାର ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସ ଯୋଗଦାନ କରି କହିଲେ ଉପ ନିର୍ବାଚନରେ ବିଜୟୀ ହେବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଅନେକ ଉନ୍ନୟନ କାର୍ଯ୍ୟ କରାଯାଇଛି, ଏଇ ଜନକଲ୍ୟାଣ କାର୍ଯ୍ୟକୁ ଆଗକୁ ନେବାପାଇଁ ସମସ୍ତଙ୍କ ସହଯୋଗ କାମନା ନିତାନ୍ତ ଆବଶ୍ୟକ ଅଟେ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସହ ପର୍ଯ୍ୟବେକ୍ଷକ ସାରଦା ଜେନା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ,ମୁନିସିପାଲିଟି ଅଧକ୍ଷା ସବିତା ସାହୁ,ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀ,ସଦର ବ୍ଲକ ଅଧକ୍ଷା ସୁନିତା ବେହେରା,ବ୍ରିଟ ଅଧକ୍ଷ ଆଲୋକ ସାହୁ,ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର,ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ରାଜ୍ୟ ମହିଳା ସମ୍ପାଦିକା ଜୟଶ୍ରୀ ବିଶ୍ୱାଳ, ଦୀପାରାଣୀ ସାହୁ, ଜିଲ୍ଲା ଛାତ୍ର ସଭାପତି ସିମନ ଦାସମହାପାତ୍ର, ଏସି ସେଲ ସଭାପତି ଶତ୍ରୁଘ୍ନ ମଲ୍ଲିକ, କୃଷକ ସେଲ ସଭାପତି ଅଜୟ ସାମଲ, ଜିଲ୍ଲା ବିଜେଡି ବରିଷ୍ଠ ଉପ ସଭାପତି ଗୌରୀ ରାଉତ,ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର, ବ୍ଲକ ଯୁବ ସଭାପତି ଦିଲ୍ଲୀପ ମହାନ୍ତି, ଟାଉନ ଯୁବ ସଭାପତି ଉମାଶଂକର ତିଆଡି, ବିଜୁ ଯୁବ ଜନତା ଦଳ ଜୋନାଲ ସାଧାରଣ ସମ୍ପାଦକ ତଥା ସଦର ନିର୍ବାଚନ ମଣ୍ଡଳୀ ମିଡିଆ ସଂଯୋଜକ ଧିରେନ ନାୟକ, ଟାଉନ ମହିଳା ସଭାପତି ମୀନା ମହାନ୍ତି, ବ୍ଲକ ମହିଳା ସଭାପତି ଜ୍ୟୋତିରାଣୀ ମାଝି ଏବଂ ବାଲେଶ୍ୱର ପୌରପରିଷଦର ସମସ୍ତ କାଉନସିଲର, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ସମସ୍ତ ଛାମୁଆ ସଂଗଠନର ପଦାଧିକାରୀ ମାନେ ମଞ୍ଚାସିନ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।ଶେଷରେ ଜିଲ୍ଲା ବିଜେଡି ସମ୍ପାଦକ ମନୋଜ କୁମାର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଦୁର୍ଗାପୂଜା ପୂର୍ବରୁ ଜଳେଶ୍ୱର ପୁଲିସ୍‌ର ଶାନ୍ତି କମିଟି ବୈଠକ

ଜଳେଶ୍ୱର , ୦୮/୧୦ (ନି.ପ୍ର): ଆଇନ୍‌ଶୃଙ୍ଖଳାକୁ ସମ୍ମାନ ଦେଇ କାର୍ଯ୍ୟ କରିବାଲାଗି ଜଳେଶ୍ୱର ପୋଲିସ୍ ପକ୍ଷରୁ ଏକ ଶାନ୍ତି ବୈଠକ ମୂରଲୀ କଲ୍ୟାଣ ମଣ୍ଡପ ଠାରେ ଶନିବାର ସଂଧ୍ୟାରେ ଆୟୋଜିତ ହୋଇଥିଲା । ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ଅମ୍ଳାନ ନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ବିଦ୍ୟୁତ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭୂବନଚରଣ ସାହୁ, ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅବିନାଶ ବେହେରା ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଚଳିତବର୍ଷ ଲକ୍ଷ୍ମଣନାଥ ପୂଜା କମିଟି ପକ୍ଷରୁ ଶ୍ୟାମାଚରଣ ଦାସ, ନାମ୍ପୋ କମିଟି ପକ୍ଷରୁ ଯାମିନୀକାନ୍ତ ଦତ୍ତ, ଛମୌଜରୁ ଗୌରହରୀ ଜେନା, ଡେମୁରିଆରୁ ପତିତପାବନ ପ୍ରଧାନ, ବର୍ଦ୍ଧନାରୁ ହେମନ୍ତ କୁମାର ଦଳେଇ, ବାଣିଦାରୁ ସଂଜୟ ମହାନ୍ତି, କମଳା ଚକ୍ରବର୍ତ୍ତୀ, ଡ. ରମାକାନ୍ତ ଭଂଜ, ଚନ୍ଦନ ଦାସ, ଚନ୍ଦନ କର, ବଣିକଦଳ ସଭାପତି ସୁଧିର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଦ୍ୟୁତ୍‌ଯୋଗାଣ ଅବ୍ୟାହତ ରହିବା, ପୂଜା ସମୟରେ ମଦଦୋକାନ ବନ୍ଦ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ, ଅଧିକ ପୋଲିସ୍ ମୁତୟନ, ଗ୍ରାମ ଓ ସହର ମରାମତି, ପରିମଳ ବ୍ୟବସ୍ଥା, ଖୋଲାସ୍ଥାନରେ ରାବଣପୋଡି, ଡିଜେ ସାଉଣ୍ଡ ବନ୍ଦ ନେଇ ଆଲୋଚନା ହୋଇଥିଲା । ଅଗ୍ନିସମ, ଅବକାରୀ, ବିଦ୍ୟୁତ୍, ପୂର୍ତ୍ତ ବିଭାଗର କର୍ମକର୍ତ୍ତାମାନେ ପ୍ରଶ୍ନର ଉତ୍ତର ଦେଇଥିଲେ । ଆଇଆଇସି ରଂଜନ ସେଠୀ ମଂଚ ଆହ୍ୱାନ କରିଥିବା ବେଳେ ପୁଲିସ କର୍ମଚାରୀମାନେ ମଂଚ ପରିଚାଳନା କରିଥିଲେ ।

## ଶିଶିର ମହାପାତ୍ର ଫାଉଣ୍ଡେସନ ଓ ମା' ମାରିଚି ୟୁଥ୍ କ୍ଲବ୍ ଆନୁକୁଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନୀଳଗିରି , ୦୮/୧୦ (ନି.ପ୍ର): ରକ୍ତଦାନ ମହାପୁଣ୍ୟ। ପ୍ରତି ରକ୍ତବିନ୍ଦୁରେ ଜୀବନଦାନ ସମ୍ଭବ। ତେଣୁ ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶିର ମହାପାତ୍ର ଫାଉଣ୍ଡେସନ ତାର ମୁଖ୍ୟ ନାରା ଜନ ସେବାର ଦୁଇଟି ଧାର -ଉନ୍ନତି ସହିତ ସମାଜ ସଂସ୍କାର କୁ ଆଗେଇ ନେଇ ପ୍ରତିବର୍ଷ ବହୁ ରକ୍ତଦାନ ଶିବିର ଅନୁଷ୍ଠିତ କରିଆସୁଛି। ଏହି ଉପଲକ୍ଷେ ରବିବାର ଅଯୋଧା ଗ୍ରାମ ପଞ୍ଚାୟତରେ ଶିଶିର ମହାପାତ୍ର ଫାଉଣ୍ଡେସନ ଏବଂ ମା ମାରିଚି ୟୁଥ୍ କ୍ଲବ୍ ମିଳିତ ଆନୁକୁଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରକୁ ମୁଖ୍ୟ ଅତିଥି ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ମୋଟ ୩୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିଶିର ମହାପାତ୍ର ଫାଉଣ୍ଡେସନର ମୁଖ୍ୟ ସବ୍ୟସାଚୀ ମହାପାତ୍ରଙ୍କ ଏଭଳି ଜନହିତକର କାର୍ଯ୍ୟକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରି ଆଗକୁ ଏହିଭଳି ଅନେକ ସମାଜ ସଂସ୍କାର କାର୍ଯ୍ୟ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ।



## ଗଡପୋଖରୀରେ କଂଗ୍ରେସର ଘରେ ଘରେ ହାତ କାର୍ଯ୍ୟକ୍ରମର ଶୁଭାରମ୍ଭ

ଖଇରା, ୦୮/୧୦ (ନି.ପ୍ର): ୦ବ୍ଲକ କଂଗ୍ରେସ ପକ୍ଷରୁ ଗଡପୋଖରୀ ପଞ୍ଚାୟତରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ,ସାଂସଦ ପ୍ରାର୍ଥିନୀ ମଧୁମିତା ସେଠୀ, ସିମୁଳିଆ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ବ୍ଲକ କଂଗ୍ରେସ ସଭାପତି ଶରତ କୁମାର ଦାସ,ଶତ୍ରୁଘ୍ନ ଦାସ,ଅଶୋକ କୁମାର ଜେନା,ରବିନ୍ଦ୍ର ଜେନା ,ବସନ୍ତ କୁମାର ପାତ୍ର,ବେଣୁଧର ରାଉତ, ଗଜେନ୍ଦ୍ର ସେଠୀ,ପ୍ରଶାନ୍ତ ପାତ୍ର ପ୍ରମୁଖ ପଞ୍ଚାୟତର ଘର ଘର ବୁଲି ଲୋକଙ୍କୁ କଂଗ୍ରେସ ର ଆଦର୍ଶ ଓ ବିଚାରଧାରା ଉପରେ ବୁଝାଇଥିଲେ ଏଥିସହ ଲୋକମାନେ ଭୋଗୁଥିବା ରାସ୍ତା,ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ସମସ୍ୟା ଶୁଣିବା ସହ ତୁରନ୍ତ ଏହାର ସମାଧାନ ନହେଲେ ବ୍ଲକ ଘେରିବାକୁ ଚେତାବନୀ ଦେଇଛନ୍ତି । ଶୋଚନୀୟ ରାସ୍ତା ଓ ବହୁ ଆବାସ ଘର ଅସମ୍ପୂର୍ଣ୍ଣ ରହିବା ନେଇ ଯୁବନେତା ହିମାଂଶୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡା ସ୍ୱରରେ ଟାର୍ଗେଟ କରିଛନ୍ତି ।

## ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ହେଲେ ରାଇବଣିଆ ଯୁବକ

ଜଳେଶ୍ୱର, ୦୮/୧୦ (ନି.ପ୍ର): ଦେଶରେ ବନ୍ୟଜନ୍ତୁଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଏହାକୁ ରୋକିବାଲାଗି ସରକାର ଓ ସ୍ୱେଚ୍ଛାସେବୀ ସଂଗଠନ ମାନେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅନ୍ତର୍ଗତ ଗୋପାଳପ୍ରସାଦ ଗ୍ରାମର ଅଶ୍ୱିନୀ ଦାସ ଅବୈତନୀକଭାବେ ବନ୍ୟଜନ୍ତୁ ସଂରକ୍ଷଣ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ବର୍ଷ ବର୍ଷ ଧରି କରି ଆସୁଥିବାରୁ ରାଜ୍ୟ ସରକାରଙ୍କ ଜଂଗଲ ବିଭାଗ ତାଙ୍କୁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି । ଆଜି ଭୂବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ଉତ୍ସବରେ ମାନପତ୍ର, ମୋମେଣ୍ଟ ଓ ଚେକ୍ ପ୍ରଦାନ କରାଯାଇଛି । ଏହି ଖବର ପ୍ରଚାରିତ ହେବାପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି ।

## ସମାଜସେବୀ ସୁକାନ୍ତି ରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାସୁଦେବପୁର, ୦୮/୧୦ (ନି.ପ୍ର): ବାସୁଦେବପୁର ସହରରେ ପୂର୍ବତନ ବ୍ଲକ ଅଧକ୍ଷ ସ୍ୱର୍ଗତ ରବୀନ୍ଦ୍ର ରାୟ ଙ୍କ ଧର୍ମପତ୍ନୀ ସମାଜସେବୀ ସୁକାନ୍ତି ରାୟଙ୍କ ଦ୍ୱାଦଶାହ କର୍ମ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ଦୁଃଶାସନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଅବସର ପ୍ରାପ୍ତ ବିଚାରପତି ସମରେନ୍ଦ୍ର ଦାସ, ଶିଳ୍ପପତି ମହେଶ ଦାସ, ବାଇ ଚଢେଇର ସମ୍ପାଦକ କବି ବିକାଶ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ସଭାରେ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ସୁଧାଂଶୁ ଶେଖର ମିଶ୍ର, କବି ସଦାନନ୍ଦ ପାଣିଗ୍ରାହୀ, ଆଇନଜୀବୀ ନାରାୟଣ ଚନ୍ଦ୍ର ନାୟକ, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି , ଦୁର୍ଗା ଶଙ୍କର ଦାସ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଆଡ଼ଭୋକେଟ ବିଜୟ ରାୟ, ଦିଲ୍ଲୀପ ରାୟ, ସଞ୍ଜୟ ରାୟ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ।

## ପୁନର୍ବାର ସମୂହ ଛୁଟିରେ ଯିବାପାଇଁ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ ଖୋର୍ଦ୍ଧାର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା , ୦୮/୧୦ (ନି.ପ୍ର): ଦୀର୍ଘ ୧୧୩ ଦିନ ବ୍ୟବଧାନ ପରେ ପୁଣି ସମୂହ ଛୁଟି ରେ ଯିବା ପାଇଁ ଦାନା ବାନ୍ଧୁଛି ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଞ୍ଚ ମଧ୍ୟରେ କ୍ଷ ପ୍ରକାଶ ଥାଉକି, ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଗୋଟିଏ ମାତ୍ର ଦାବି ଗ୍ରେଡ ପେ ୪୨୦୦/- ପାଇଁ ଓଡିଶା ଅମଲା ସଂଘ, ଓଡିଶା ରାଜସ୍ୱ ଅମଲା ସଂଘ, ଓଡିଶା ଟ୍ରେଜେରୀ ଅମଲା ସଂଘ ଏବଂ ଓଡ଼ିଶା ନିବନ୍ଧକ ଅମଲା ସଂଘ ଙ୍କୁ ନେଇ ମିଳିତ ମଞ୍ଚ ଗଠନ କରି ଆନ୍ଦୋଳନ ଜାରି ରଖିଥିଲେ । ଗତ ଏପ୍ରିଲ ମାସ ୨୩ ତାରିଖ ଦିନ ଜିଲ୍ଲା ସ୍ତରୀୟ ମିଳିତ ଅମଲା ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିରିଶ ଗୋଟି ଜିଲ୍ଲାପାଳଙ୍କ ଜରିଆରେ ଗୋଟିଏ ମାତ୍ର ଦାବି ୪୨୦୦/- ପାଇଁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ତାପରେ ମେ ମାସ ୧ ତାରିଖ ଦିନ ରାଜ୍ୟ ସଂଘ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଦାବି ପୂରଣ ନ ହେବାରୁ ସଙ୍ଘ ର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ୨୦୨୩ ମେ ମାସ ୨୨ ତାରିଖ ଠାରୁ ୨୦୨୩ ମେ ମାସ ୩୧ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିଥିଲେ । ୩୧ ମେ ସୁଦ୍ଧା କୌଣସି ଦାବି ପୂରଣ ନ ହେବାରୁ ୧ ଜୁନ ୨୦୨୩ ଠାରୁ ୧୭ ଜୁନ ୨୦୨୩ ପର୍ଯ୍ୟନ୍ତ ସମୂହ ଛୁଟି ରେ ଥିଲେ । ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସଚିବ ସହ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ଏବଂ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ୨୦୨୩ ଜୁନ ୧୭ ତାରିଖରେ ମଧ୍ୟ ରାତ୍ରରୁ ମିଳିତ ଅମଲା ମଞ୍ଚ ର ଆନ୍ଦୋଳନ ସ୍ଥଗିତ ଥିଲା । ୧୧୩ ଦିନ ବ୍ୟବଧାନ ପରେ ମଧ ମିଳିତ ଅମଲା ମଞ୍ଚ ର ଏକ ମାତ୍ର ଦାବି ୪୨୦୦/- ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାନଯିବାରୁ,ଆଜି ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଞ୍ଚ , ଜିଲ୍ଲା ଶାଖା ଖୋର୍ଦ୍ଧା , ଅଧକ୍ଷ ଶ୍ରୀ ଅଶୋକ କୁମାର ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା ସ୍ତରୀୟ ଅମଲା ଙ୍କ ଗୋଟିଏ ମାତ୍ର ଦାବି ୪୨୦୦/- ପୂରଣ କରିବାରେ ରାଜ୍ୟ ସରକାରଙ୍କ ଉଦାସୀନତା ମନଭାବ ଓ ଅହେତୁକ ବିଳମ୍ବ କୁ ଉପସ୍ଥିତ ଥିବା ସମସ୍ତ ସଭ୍ୟ ସଭ୍ୟା ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ଜୁନ ୧୭ ତାରିଖ ମଧରାତ୍ରରୁ ସ୍ଥଗିତ ରଖାଯାଇଥିବା ଆନ୍ଦୋଳନ କୁ ପୁନର୍ବାର ଆରମ୍ଭ କରିବା ପାଇଁ ରାଜ୍ୟ ସଂଘ ଉପରେ ଚାପ ସୃଷ୍ଟି କରାଯିବା ସହିତ, ରାଜ୍ୟ ସରକାର ଙ୍କୁ ଏକ ଚରମ ପତ୍ର ମଧ୍ୟମ ରେ ଜଣାଇ ଦିଆ ଯିବା ପାଇଁ ମତ ପ୍ରକାଶ ପାଇଥିଲା । ସରକାର ଯଦି ୨୫.୧୦.୨୦୨୩ ମଧ୍ୟରେ କୌଣସି ପଦକ୍ଷେପ ନ ନିଅନ୍ତି, ତାହେଲେ ଆଗମୀ ୨୬.୧୦.୨୦୨୩ ରିଖ ଠାରୁ ପୁନର୍ବାର ସମୂହ ଛୁଟି ରେ ଯାଇ ଆନ୍ଦୋଳନ ଚାଲୁ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଗଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମିଳିତ ଅମଲା ମଞ୍ଚ ର ଅଧକ୍ଷ ଶ୍ରୀ ନାରାୟନ ଦାଶ, ଜିଲ୍ଲା ଆବାହକ ସନ୍ତୋଷ କୁମାର ନିଶଙ୍କ, ଶୁଭେନ୍ଦୁ ରାଉତରାୟ, ସମର କାନୁନଗୋ , ଗିପବିତ୍ର କୁମାର ସେଠି, ନିରଞ୍ଜନ ମହାରଣା, ସାମନ୍ତ ଭୀମସେନ ଭଞ୍ଜ, ଅର୍ଜୁନ ମହାରଣା, ସବ୍ୟସାଚୀ ଧଳ, ତପନ କୁମାର ବାରିକ, ରଶ୍ମି ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।




## ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବଉଳଗଡିଆରେ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

ବଉଳଗଡିଆ, ୦୮/୧୦ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବଉଳଗଡିଆ ରେ ପ୍ରଧାନ ଆଚାର୍ଯ୍ୟ କସ୍ତୁରୀ ଚରଣ ରଣା ଙ୍କ ସଭାପତି ତ୍ୱ ରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ରାଜ୍ୟ ସ୍ତର ରେ ପ୍ରାଦେଶିକ ମେଧାବୀ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଭବିଷ୍ୟତ ରେ ଉଚ୍ଚ ଆଶା ଓ ଲକ୍ଷ୍ୟ ନେଇ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ପରିଷଦ ର ପ୍ରାନ୍ତ ନିରୀକ୍ଷକ ରବି ନାରାୟଣ ରାଉତ ମୁଖ୍ୟ ବକ୍ତା, ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନରେନ୍ଦ୍ର ରାଉତ ଯୋଗ ଦେଇ ପ୍ରତିଭା କୁ ଜଣେ ଆଦର୍ଶ ଶିକ୍ଷକ ହିଁ ବାସ୍ତବ ରୂପେ ବିକଶିତ କରିଥାନ୍ତି । ପରିଚାଳନା ସମିତ ସଦସ୍ୟ ହେମନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରି ଥିବା ବେଳେ ଗୁରୁଜୀ ଈଶ୍ୱର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ତୃତୀୟ ଶ୍ରେଣୀ ରେ ପ୍ରାଦେଶିକ ମେଧା ବୃତ୍ତି ପରୀକ୍ଷା ସମଗ୍ର ରାଜ୍ୟ ରେ ପ୍ରଥମ ହୋଇଥିବା ପ୍ରୀତିପ୍ରଜ୍ଞା ରାଜ ଓ ଦ୍ୱିତୀୟ ହୋଇଥିବା ମୃତ୍ୟୁଞ୍ଜୟ ମହାନ୍ତି ଙ୍କୁ ଅତିଥି ମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପରେ ପିଲାମାନଙ୍କର ମନୋରଞ୍ଜନ ପାଇଁ ଯାଦୁ ଖେଳ ର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠାନ ର ସମସ୍ତ ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




## କୁପାରୀରେ ମାଗଣା ଚିକିତ୍ସା ଶିବିର

ଖଇରା, ୦୮/୧୦ (ନି.ପ୍ର): ଆୟୁଷ୍ମାନ ଫାଉଣ୍ଡେସନ ଆନୁକୁଲ୍ୟରେ କୁପାରୀ କଲ୍ୟାଣମଣ୍ଡପରେ ଏକ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉଦଘାଟନୀ ସଭାରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ପୌରହିତ୍ୟ କରିଥିଲେ । ବିଶିଷ୍ଟ ସମାଜସେବୀ ତଥା ଆୟୁଷ୍ମାନ ଫାଉଣ୍ଡେସନର ଉପଦେଷ୍ଟା ଶଶି କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଖଇରାକୁ ୨୦୧୧ ମସିହାରେ ଆସିବା ପରଠାରୁ ମାଗଣା ସ୍ୱାସ୍ଥ୍ୟ ସେବା, ମହୋତ୍ସବ,ଚିକିତ୍ସାପାଇଁ ଆର୍ଥୀକ ସହାୟତା,ଗରୀବ ଝିଅଙ୍କ ବିବାହ ଭଳି ସାମାଜିକ କାର୍ଯ୍ୟକ୍ରମରେ ଝାଳବୁହା ଧନରୁ ସହାୟତା ପ୍ରଦାନ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି । ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟ ମଧ୍ୟ ଜାରି ରଖିବେ ବୋଲି କହିଛନ୍ତି । ଉକ୍ତ ସଭାରେ କୁପାରୀ ସରପଞ୍ଚଜ୍ୟୋସ୍ନାରାଣୀ ଦାସ,ପଳସା ସରପଞ୍ଚ ମନୋରଞ୍ଜନ ସାହୁ, ହରିପୁର ସମିତି ସଭ୍ୟ ଅମିର କୁମାର ବିଶ୍ୱାଳ, ଗୋବର୍ଦ୍ଧନ ପାଇକରାୟ, ଗଡପୋଖରୀ ସମିତିସଭ୍ୟ ଶତ୍ରୁଘ୍ନ ସେଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୁଷ୍ମାନ ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ୫୨୦ରୁ ଉର୍ଦ୍ଧ ରୋଗୀଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିବା ବେଳେ ୩୦ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ଡା ପାପାନୀ ବେହେରା,ସହକାରୀ ନରେନ୍ଦ୍ର ପଣ୍ଡା,ଶାନ୍ତନୁ କୁମାର,ଦାମୋଦର ମୁଖୀ,ଚିତ୍ତରଞ୍ଜନ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ ।

## 'ସେବା ଦିବସ' ଅବସରରେ ରକ୍ତଦାନ ଶିବିର

ଉଦଳା , ୦୮/୧୦ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘ ଉଦଳାଙ୍କ ମିଳିତ ଆନୁକୁଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ସେବା ଦିବସ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଚଳିତ ବର୍ଷ ସେବା ଦିବସ ଅକ୍ଟୋବର ୮ ଓ ୯ ତାରିଖ ଦୁଇଦିନ ଧରି ପାଳିତ ହେବାର ନିଷ୍ପତି ହୋଇଥିଲା । ୮ ତାରିଖ ରବିବାର ଦିନ ଏହି ଅବସରରେ ଉଦଳା ଡ଼ାକ୍ତରଖାନା ପରିସରରେ ଥିବା ଓଡ଼ିଶା ରକ୍ତକେନ୍ଦ୍ର ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଫିତାକାଟି ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅବିନାଶ ପାଣି, ଉପଖଣ୍ଡ ଚିକିତ୍ସାଧିକାରୀ ଲକ୍ଷ୍ମୀକାନ୍ତ ପତି, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଶିବିର ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ସେବା ଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଅଟୋ ମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ । ଆସନ୍ତା କାଲି ୯ ତାରିଖ ସୋମବାର ଦିନ ପ୍ରଭାତରେ ବସଷ୍ଟାଣ୍ଡ ନିକଟରେ ସ୍ଥାପନ କରାଯାଇଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ଅପରାହ୍ଣରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସେବା ଟ୍ରଷ୍ଟର ସଦସ୍ୟ ସୁବ୍ରତ କୁମାର ମହାନ୍ତି ଜଣାଇଛନ୍ତି । ଆଜିର ଏହି ଶିବିରକୁ ସଫଳ କରିବାରେ ଡ଼ାକ୍ତର ଖଗେନ୍ଦ୍ର ସିଂହ, ସୁଶାନ୍ତ କୁମାର ପଟ୍ଟନାୟକ, କାପାଳ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo